## ନୂଆପଡ଼ା 'ନୂଆ-ଓ' ରେ '୫-ଟି' ଅଧ୍ୟକ୍ଷ ବାଣ୍ଟିଲେ ସଫଳତାର ସୂତ୍ର

# ସଫଳତା ପାଇଁ 'ସର୍ଟକଟ୍' ରାସ୍ତା ନାହିଁ

ନୂଆପଡ଼ା, ୨।୨(ସମିସ):

ଆଜି ନୂଆପଡ଼ା ଗସ୍ତରେ ଯାଇଥିବା '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଛାତ୍ରଛାତ୍ରୀମାନଙ୍କୁ ଶିଖାଇଛନ୍ତି ଜୀବନରେ ସଫଳ ହେବାର କୌଶଳ। ଆୟୋଜିତ ନୂଆ-ଓ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପାଣ୍ଡିଆନ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ

### କଠିନ ପରିଶ୍ରମର କିଛି ବିକଳ୍ପ ନାହିଁ

ବୁଝାଇଛନ୍ତି। ସେ କହିଛନ୍ତି ଯେ କେବଳ ପାଠ ପଢ଼ିଲେ ହେବ ନାହିଁ, ପାଠ୍ୟପୁସ୍ତକ ବାହାରେ ବି ବହୁତ କିଛି ଶିଖିବାର ଅଛି। ସେଥିପାଇଁ ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଜରୁରୀ। ତେବେ ଯାଇ ନିଜ ଭିତରେ ଥିବା ପ୍ରତିଭାକୁ ଆମେ ଚିହ୍ନି ପାରିବା। ପାଠପଢ଼ା ବ୍ୟତୀତ ଆମେ ଆଉ କ'ଣ କରିପାରିବା, ତାହା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପରେ ସ୍ପଷ୍ଟ ହେବ। ତେଣୁ ପ୍ରତ୍ୟେକ ଛାତ୍ରଛାତ୍ରୀ ହାର ଜିତ୍ କଥା ନ ଭାବି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଆଗେଇ ଆସନ୍ତୁ। ଆତ୍ମବିଶ୍ୱାସ ବଢ଼ିବ।





ଦେଖିବେ, ଏହା ଆପଣଙ୍କ ଜୀବନରେ କେତେ ପ୍ରଭାବ ପକାଇପାରୁଛି। ସଫଳତା ପାଇଁ କୌଣସି ସର୍ଟକର୍ଟ ରାସ୍ତା ନାହିଁ। କଠିନ ପରିଶ୍ରମ ବିନା ସଫଳତାପ୍ରାପ୍ତି ସମ୍ଭବ ନୁହେଁ। ଆଜି ଆମେମାନେ ସଫଳତାର ଶୀର୍ଷ ଛୁଇଁଥିବା ଲୋକଙ୍କୁ ଦେଖୁଛୁ, ମାତ୍ର ଜୀବନରେ ସେମାନେ ଯେଉଁ ସଂଘର୍ଷ ଓ ପରିଶ୍ରମ କରିଛନ୍ତି, ତାହାକୁ ଆମେ ଦେଖିପାରୁ ନାହୁଁ। ତେଣୁ କଠିନ ପରିଶ୍ରମର କୌଣସି ବିକଳ୍ପ ନାହିଁ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି।

ସେ ପୁଣି କହିଛନ୍ତି ଯେ ସରକାରୀ ସ୍କୁଲ ଓ କଲେଜରେ ପଢୁଥିବା ଛାତ୍ରଛାତ୍ରୀମାନେ କୌଣସି ଗୁଣରେ କମ୍ ନୁହନ୍ତି। କେବଳ ଜୀବନରେ ସଫଳ ହେବା ପାଇଁ ପଣ କରିବା ଆଉ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ପରିଶ୍ରମ କରିବା। ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କଠାରୁ ପରିବାର ସଦସ୍ୟ, ବନ୍ଧୁ ପରିଜନ ତଥା ଶିକ୍ଷକ ଶିକ୍ଷୟିତ୍ରୀ ବହୁତ କିଛି ଆଶା କରିଥାନ୍ତି। ତାକୁ ପୂରଣ କରିବାକୁ ହେଲେ ଭଲ ପାଠପଢ଼ା ସହ ନିଜ ବ୍ୟକ୍ତିତ୍ୱର ବିକାଶ କରିବାକୁ ହେବ। ଆଦର୍ଶ ଚରିତ୍ରର ବିକାଶ କରିବାକୁ ହେବ।

ଶ୍ରୀ ପାଣ୍ଡିଆନ୍ ଆହୁରି କହିଥିଲେ ଯେ ଆପଣମାନେ ସମସ୍ତେ ପାଠ ପଢୁଛନ୍ତି। ତା' ସହ ଶାରୀରିକ ଓ ମାନସିକ ସୁସ୍ଥତାକୁ ସମସ୍ତେ ଗୁରୁତ୍ୱ ଦେବା ଜରୁରୀ। ଏକ ସୁସ୍ଥ ଶରୀର ଓ ସୁସ୍ଥ ମନ ବହୁତ ଉପକାର ଦେଇଥାଏ। ସେଥିପାଇଁ ପ୍ରତିଦିନ ବ୍ୟାୟାମ ଓ ଯୋଗ କରନ୍ତୁ। ଶରୀର ସୁସ୍ଥ ରହିବ ଆଉ ମନ ବି ସୁସ୍ଥ ରହିବ। ଜୀବନରେ ସଠିକ୍ ନିଷ୍ପତ୍ତି ନେବାକୁ ସକ୍ଷମ ହେବେ। ଏକାଗ୍ରତା ଓ ଆତ୍ମବିଶ୍ୱାସ ବଢ଼ିଲେ ସବୁ କାମ ସହଜ ହୋଇଯିବ। ଏହାସହ ପ୍ରତ୍ୟେକ ପିଲା ଜୀବନରେ ବଡ଼ ସ୍ୱପ୍ନ ଦେଖିବେ ଆଉ ତାକୁ ସାକାର କରିବା ପାଇଁ ଉଦ୍ୟମ କରିବେ। ପରିଶ୍ରମରେ ସାଲିସ୍ କଲେ ସଫଳତା ମିଳିବ ନାହିଁ। ଆପଣମାନେ ଭଲ ମଣିଷ ହେଲେ କେବଳ ନିଜ ପରିବାର କିମ୍ବା ଗାଁର ନୁହେଁ, ବରଂ ସାରା ଦେଶକୁ ଗୌରବାନ୍ୱିତ କରିପାରିବେ। ଆପଣମାନେ ଯେପରି ଭଲ ପରିବେଶରେ ପାଠ ପଢ଼ିବେ, ସେଥିପାଇଁ ମୁଖ୍ୟମନ୍ତ୍ରୀ କଲେଜ ରୂପାନ୍ତରଣ ପ୍ରକଳ୍ପ ଆରମ୍ଭ କରିଛନ୍ତି। ଏଥିପାଇଁ ୧୩ କୋଟି ୨୫ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି। ସ୍ମାର୍ଟ କ୍ଲାସ୍ ରୁମ୍, ଇ-ଲାଇବ୍ରେରୀ, ଉନ୍ନତ ପରୀକ୍ଷାଗାର, ଖେଳ ପଡ଼ିଆ ପାଇବେ। ଜିଲ୍ଲାରେ ଥିବା ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ରୂପାନ୍ତରର କାମ ଚାଲିଛି ଆଉ ଫେବୃଆରୀ ସୁଦ୍ଧା ତାହା ସମ୍ପୂର୍ଣ୍ଣ ହେବ ବୋଲି ଶ୍ରୀ ପାଣ୍ଡିଆନ୍ ସୂଚନା ଦେଇଛନ୍ତି।

## ରକ୍ତ କର୍କଟରେ ପୀଡ଼ିତ ପ୍ରବୀଣଙ୍କୁ ସାହାହେଲା 'ଓଡ଼ିଶା-ମୋ ପରିବାର'

### ରକ୍ତଦାନ କଲେ ହେଲ୍ପଡେସ୍କ ସହଯୋଗୀ ସୋମନାଥ





ଭୁବନେଶ୍ୱର, ୨।୨ (ସମିସ): ବୁଲିବା, ଖେଳିବା ବୟସରେ କର୍କଟ ରୋଗରେ ପୀଡ଼ିତ ହୋଇ ମାନସିକ ସ୍ତରରେ ଭାଙ୍ଗିପଡ଼ିଥିବା ପ୍ରବୀଣ ନାୟକ ଓ ତାଙ୍କ ପରିବାରକୁ ସାହା ହୋଇଛି ଓଡ଼ିଶା-ମୋ ପରିବାର। ସୂଚନାନୁସାରେ, ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଅଞ୍ଚଳର ଗଦାଧର ନାୟକଙ୍କ ୧୨ବର୍ଷର ପୁଅ ପ୍ରବୀଣ ରକ୍ତ କର୍କଟରେ ପୀଡ଼ିତ। ହେଲେ ତାଙ୍କ ଚିକିତ୍ସାରେ ଅର୍ଥ ପ୍ରତିବନ୍ଧକ ସାଜିଛି। ଭୁବନେଶ୍ୱରସ୍ଥିତ ଏମ୍ସରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ତାଙ୍କୁ ରକ୍ତର ଆବଶ୍ୟକତା ପଡୁଛି। ବାପା ମା' ଦୁହିଁଙ୍କର ହସ୍ପିଟାଲ ବିଷୟରେ ଅଧିକ ଜ୍ଞାନ ନଥିବାରୁ ସେମାନେ ଅସହାୟ ହୋଇପଡୁଛନ୍ତି। କିଛି ଦିନ ତଳେ ପୁଅ ପାଇଁ ରକ୍ତ ନମିଳିବାରୁ ହତାଶ ହୋଇ ହସ୍ପିଟାଲ ପରିସରରେ କାନ୍ଦୁଥିଲେ ବାପା ମା'। ସେମାନଙ୍କୁ ଏପରି ଅବସ୍ଥାରେ ଦେଖିବା ପରେ ଏମ୍ସରେ ଥିବା ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ସୋମନାଥ ସ୍ୱାଇଁ ନିଜେ ରକ୍ତଦାନ କରିଥିଲେ। ଏହାସହ ଅର୍ଥର ଆବଶ୍ୟକତା ଥିବା ଜାଣି ସୋମନାଥ ମୁଖ୍ୟମନ୍ତ୍ରୀଙ୍କର ରିଲିଫ ପାଣ୍ଠିରୁ ସହାୟତା ରାଶି ପାଇଁ ମଧ୍ୟ ଆବଶ୍ୟକ ପ୍ରକ୍ରିୟାକୁ ନିଜେ ସମ୍ପୂର୍ଣ୍ଣ ସଂଯୋଜନା କରୁଛନ୍ତି। ଏହି ସମସ୍ତ ସାହାଯ୍ୟ ପାଇବା ପରେ ପ୍ରବୀଣଙ୍କ ବାପା, ମା' ଦୁହେଁ ଭାବବିହ୍ୱଳ ହୋଇ ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା-ମୋ ପରିବାରକୁ ଧନ୍ୟବାଦ ଜଣାଇଛନ୍ତି। ଓଡ଼ିଶା-ମୋ ପରିବାର ମଧ୍ୟ ପ୍ରବୀଣଙ୍କର ଆଶୁ ଆରୋଗ୍ୟ କାମନା କରିଛି।

## ଭଦ୍ରକ ବିଧାୟକଙ୍କ ଭାତୃବିୟୋଗ



ଭଦ୍ରକ, ୨।୨(ସମିସ): ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ଅଗ୍ରଜ ତଥା ପ୍ରାକ୍ତନ ଧାମନଗର ବିଧାୟକ ମାନସ ରଞ୍ଜନ ମଲ୍ଲିକଙ୍କ ଅନୁଜ ଦିଲ୍ଲୀପ କୁମାର ମଲ୍ଲିକ(ବୁଲା)ଙ୍କ ଆଜି ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ତାଙ୍କୁ ୬୦ବର୍ଷ ବୟସ ହୋଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ଜଣେ ଦକ୍ଷ ସଂଗଠକ, ବିଚକ୍ଷଣ ରାଜନେତା, ମେଳାପୀ ଓ ପରୋପକାରୀ ବ୍ୟକ୍ତି ଭାବେ ପରିଚିତ ସ୍ୱର୍ଗତ ଦିଲ୍ଲୀପଙ୍କ ମୃତ୍ୟୁଶଯ୍ୟା ନିକଟରେ ଧର୍ମପତ୍ନୀ, ଏକମାତ୍ର ପୁତ୍ର ଅଶ୍ୱିନୀ ମଲ୍ଲିକ, ସାନଭାଇ ଧୂଷୁରୀ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ସାନଭାଇ ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ପୁତୁରା ବିଜେଡି ମୁଖପାତ୍ର ତଥା 'ସକାଳ' ପ୍ରକାଶକ ଅମିତ କୁମାର ମଲ୍ଲିକଙ୍କ ସମେତ ପୂରା ପରିବାର, ଆତ୍ମୀୟସ୍ୱଜନ, ଜ୍ଞାତିକୁଟୁମ୍ବ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ବିଧାୟକ ପ୍ରଫୁଲ୍ଲ ସାମଲ, ବିଧାୟକ ବ୍ୟୋମକେଶ ରାୟ, ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ମଲ୍ଲିକ, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ ପ୍ରମୁଖଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ସ୍ୱର୍ଗତଃ ମଲ୍ଲିକଙ୍କ ଅନ୍ତିମ ସତ୍କାର କରାଯାଇଥିଲା। ଏକମାତ୍ର ପୁତ୍ର ଅଶ୍ୱିନୀ ମୁଖାଗ୍ନି ଦେଇଥିଲେ।

### ଓଏସ୍ଏସ୍ଏସ୍ସି ୱେବସାଇଟ୍ ଅଚଳାବସ୍ଥା ଜାରି

## ଖାଲି ଘୂରୁଛି, ଖୋଲିବାର ନାଁ ଧରୁନି...

ଭୁବନେଶ୍ୱର, ୨।୨(ସମିସ): କାମ କରୁନି ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ(ଓଏସ୍ଏସ୍ଏସ୍ସି) ୱେବସାଇଟ୍। ବୈଷୟିକ କାରଣ ଦର୍ଶାଇ ପ୍ରାୟ ୫୦ ଦିନ ହେବ ଏହାକୁ ଅସ୍ଥାୟୀ ଭାବେ ବନ୍ଦ କରି ଦିଆଯାଉଛି। ନୂତନଭାବେ ପଞ୍ଜୀକରଣ କରିବାକୁ ଜମାରୁ ୱେବସାଇଟ୍ ଖୋଲୁ ନଥିବା ଅଭିଯୋଗ ହେଉଛି। ପୂର୍ବରୁ ପଞ୍ଜୀକରଣ କରିଥିବା ଆଶାୟୀ ଏକାଧିକବାର ପ୍ରୟାସ କରିବା ପରେ କିଛି ଆବେଦନ କରିବାକୁ ସକ୍ଷମ ହେଉଛନ୍ତି। ଏନେଇ ଆଶାୟୀମାନେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ବହୁବାର ଅଭିଯୋଗ କରୁଥିଲେ ମଧ୍ୟ ଆୟୋଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏହାକୁ ନେଇ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ପୂର୍ବରୁ ସକାଳ ୧୧ ଟାରୁ ସନ୍ଧ୍ୟା ୬ଟା ଯାଏଁ ପର୍ଯ୍ୟନ୍ତ ଏହା କାର୍ଯ୍ୟକ୍ଷମ ହେଉନଥିବା ବେଳେ ଏଥିରେ ଆଉ ଏକ ଘଣ୍ଟା ବୃଦ୍ଧି କରିଛି। ଅର୍ଥାତ ସକାଳ ୧୦ଟାରୁ ସନ୍ଧ୍ୟା ୬ ଯାଏଁ ୱେବସାଇଟ୍ ବନ୍ଦ ରହୁଛି। ଅବଶିଷ୍ଟ ସମୟରେ ଆବେଦନ କରିବାକୁ ଆଶାୟୀମାନଙ୍କୁ ଆୟୋଗ ପକ୍ଷରୁ ଉପଦେଶ ଦିଆଯାଇଛି। ହେଲେ ଏହି ସମୟରେ ମଧ୍ୟ ୱେବସାଇଟ ସଠିକ୍ ଭାବେ ଚାଲୁନାହିଁ। ନୂତନ ପଞ୍ଜୀକରଣ କରିବାକୁ ଚାହିଁଲେ ପ୍ରାୟ ୧୦ ମିନିଟ୍ ଅପେକ୍ଷା କରିବାକୁ ପଡୁଛି। ହେଲେ ଖୋଲିବା ପରେ ମଧ୍ୟ ସାଇଟ୍ ସ୍ଲୋ ରହୁଛି। ଏପରିକି ଅଧିକ ସମୟ ଖୋଲା ରହିବା ପରେ ସ୍ୱତଃ ବନ୍ଦ ହୋଇଯାଉଛି। ଫଳରେ ପୁଣି ମୂଳକୁ ଆସିଯାଉଛି। ବହୁବାର ପ୍ରୟାସ କରିବା ପରେ କିଛି ଆଶାୟୀ ଆବେଦନ କରିପାରୁଛନ୍ତି। ସମ୍ପ୍ରତି ରାଜସ୍ୱ ନିରୀକ୍ଷକ, ସହ ରାଜସ୍ୱ ନିରୀକ୍ଷକ, ଅମିନ ସମେତ ବହୁ ପଦ ପାଇଁ ଆବେଦନ ପ୍ରକ୍ରିୟା ଜାରି ରହିଛି। ଏହି ସମସ୍ତ ପରୀକ୍ଷା ପାଇଁ ଓଏସ୍ଏସ୍ଏସ୍ସି ୱେବସାଇଟ୍ରେ ଆଶାୟୀ ପ୍ରାର୍ଥୀମାନେ ଆବେଦନ କରିବେ। ୱେବସାଇଟ୍ ଶିଥିଳ ହେଉଥିବାରୁ ଆବେଦନ ପ୍ରକ୍ରିୟା ବିଳମ୍ବିତ ହେବାସହ ଆବେଦନ ପାଇଁ ବହୁ ସମୟ ଅପଚୟ ହେଉଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି।

### ହାଇକୋର୍ଟରେ ନୂତନ ଜିଲ୍ଲା ପୁନର୍ଗଠନ ମାମଲା

## ସରକାରଙ୍କ ପକ୍ଷରୁ ସତ୍ୟପାଠ ଦାଖଲ

କଟକ, ୨।୨ (ସମିସ): ନୂତନ ଜିଲ୍ଲା ପୁନର୍ଗଠନକୁ ନେଇ ଦାୟର ଏକ ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜବାବ ଦାଖଲ କରାଯାଇଛି। ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସଚିବଙ୍କ ପକ୍ଷରୁ ୩୦୦ ପୃଷ୍ଠାର ଏକ ସତ୍ୟପାଠ ଦାଖଲ ହୋଇଥିବା ବେଳେ ଏହା ଉପରେ ଆବେଦନକାରୀଙ୍କୁ ପ୍ରତିଜବାବ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟରେ ପୂର୍ବରୁ ଜାରି ଅନ୍ତରୀଣ ଆଦେଶକୁ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବଳବତ୍ତର ରଖିଛନ୍ତି ହାଇକୋର୍ଟ। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଓ ଜଷ୍ଟିସ ଏମ୍.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଇରଙ୍ଗପୁର ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ଆବାହକ ତଥା ରାଇରଙ୍ଗପୁର ବାର୍ ଆସୋସିଏସନ ସଭାପତି ଅକ୍ଷୟ କୁମାର ମହାନ୍ତିଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି।

ସତ୍ୟପାଠରେ ଦର୍ଶାଯାଇଛି ଯେ ପଦ୍ମପୁର ସବ୍‌ଡିଭିଜନ୍‌କୁ ବରଗଡ଼ ଜିଲ୍ଲାରୁ ପୃଥକ କରି ସରକାର ନୂତନ ଜିଲ୍ଲା ଗଠନ କରିବାକୁ ଚାହୁଁଛନ୍ତି। ଏଥିପାଇଁ ଏକ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ଗଠନ କରାଯିବା ସହ ଏହି କମିଟି ପଦ୍ମପୁର ପରିଦର୍ଶନ କରିଛି। କେଉଁଠି ନୂତନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ

**୨୮ଟି ନୂତନ ଜିଲ୍ଲା ଗଠନ ପାଇଁ ଦାବିପତ୍ର ମିଳିଛି**

**ପଦ୍ମପୁର ଯାଇ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ଅନୁଧ୍ୟାନ କରିଛି**




ବିଭାଗୀୟ କାର୍ଯ୍ୟାଳୟ ସ୍ଥାପନ ହେବ ତାହାର ଅନୁଧ୍ୟାନ କରିଛି ଏହି କମିଟି। ଅନ୍ୟପଟରେ ରାଜ୍ୟରେ ୨୮ଟି ନୂତନ ଜିଲ୍ଲା ଗଠନ ପାଇଁ ୧୫ଟି ଜିଲ୍ଲାରୁ ଦାବିପତ୍ରଗୁଡ଼ିକ ସରକାରଙ୍କ ହସ୍ତଗତ ହୋଇଥିବା ସତ୍ୟପାଠରେ କୁହାଯାଇଛି। ଏହି ଜନସ୍ୱାର୍ଥ ମାମଲାର ଆବେଦନକାରୀଙ୍କ ରାଇରଙ୍ଗପୁରକୁ ନୂତନ ଜିଲ୍ଲା ମାନ୍ୟତା ଦାବି ସଂକ୍ରାନ୍ତ ଦାବିପତ୍ର ମଧ୍ୟ ଗତ ୨୦୨୩ଜୁନ୍‌୫ରୁ ମିଳିଛି ବୋଲି ଉଲ୍ଲେଖ ରହିଛି। ସିଆରପିସି ୧୯୭୩ର ଧାରା ୭ଓ ଓଡ଼ିଶା ରାଜସ୍ୱ ପ୍ରଶାସନ ୟୁନିଟ ଆକ୍ଟ ୧୯୬୩ଅନୁସାରେ ହାଇକୋର୍ଟଙ୍କ ସହ ପରାମର୍ଶ କରି ସରକାର ନୂତନ ଜିଲ୍ଲା ଗଠନ କରିପାରିବେ ବୋଲି ସତ୍ୟପାଠରେ ଉଲ୍ଲେଖ ରହିଛି। ସ୍ୱାଧୀନତା ପୂର୍ବରୁ ୬ ଜିଲ୍ଲା ଥିଲା ବେଳେ ୧୯୪୮ରେ ୭ଟି ନୂତନ ଜିଲ୍ଲା ଗଠନ ହେବା ସହ ଜିଲ୍ଲା ସଂଖ୍ୟା୧୩ରେ ପହଞ୍ଚିଥିଲା। ପରେ ୧୯୭୩ରେ ସରକାର ଜଷ୍ଟିସ ରାଜକିଶୋର ଦାସଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପୁନର୍ଗଠନ କମିଟି ଗଠନ କରିଥିଲେ। ଏହି କମିଟି ନୂତନ ଜିଲ୍ଲା ପୁନର୍ଗଠନ ସମ୍ପର୍କରେ ରିପୋର୍ଟ ୧୯୭୫ରେ ଦେଇଥିଲେ। କମିଟିର ସର୍ତ୍ତାବଳୀ ଅନୁସାରେ ନୂତନ ଜିଲ୍ଲା ପୁନର୍ଗଠନ ପାଇଁ ୧୫ରୁ୨୦ଲକ୍ଷ ଜନସଂଖ୍ୟା, ୧୫ହଜାରବର୍ଗ କିଲୋମିଟର ପରିମିତ ଅଞ୍ଚଳ ଓ ଅର୍ଥନୈତିକ ସ୍ଥିତି ଆଦି ବିଚାରକୁ ନିଆଯିବା ପାଇଁ ଉଲ୍ଲେଖ ଥିଲା। ସେହିପରି ୧୯୯୧ରେ ନୂତନ ଜିଲ୍ଲା ପୁନର୍ଗଠନର ବିଚାର ପାଇଁ ସରକାର କ୍ୟାବିନେଟ ସବକମିଟି ଗଠନ କରିଥିଲେ। ଏହାପରେ ଅଦାଲତଙ୍କ ସହ ପରାମର୍ଶ କରି ରାଜସ୍ୱ ଓ ଅବକାରୀ ବିଭାଗ ପକ୍ଷରୁ ପର୍ଯ୍ୟାୟ କ୍ରମେ ୧୭ଟି ନୂତନ ଜିଲ୍ଲା ଗଠନ କରାଯାଇଥିଲା ବୋଲି ସରକାର ଦେଇଥିବା ସତ୍ୟପାଠରେ ଉଲ୍ଲେଖ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ରାଇରଙ୍ଗପୁରକୁ ଜିଲ୍ଲା ମାନ୍ୟତା ଦାବି ବହୁ ପୁରୁଣା ହୋଇଥିବା ବେଳେ ଏହି ପ୍ରସଂଗକୁ ବିଚାରକୁ ନ ନେଇ ପଦ୍ମପୁରକୁ ଜିଲ୍ଲା ଘୋଷଣା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଆବେଦନକାରୀ ଅଭିଯୋଗ କରିଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସୁଶାନ୍ତ କୁମାର ଦାଶ ମାମଲା ପରିଚାଳନା କରୁଛନ୍ତି।

### ବିପଦରେ ଐତିହ୍ୟ

# ଏଏସ୍ଆଇ ମୁଖ୍ୟଙ୍କ କଥା ମାନୁନାହାନ୍ତି ଅଧୀକ୍ଷକ

ଭୁବନେଶ୍ୱର, ୨।୨(ସମିସ):

୨୧ ଅଗଷ୍ଟ ୨୦୨୩। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ)ର ନିର୍ଦ୍ଦେଶକ (ସଂରକ୍ଷଣ) ଭିମା ଆଜ୍‌ମିରା ଭୁବନେଶ୍ୱର ଆସିଥିଲେ। ଏକାମ୍ରକ୍ଷେତ୍ରରେ କ୍ଷେତ୍ରାଧିପତି ମହାପ୍ରଭୁ ଲିଙ୍ଗରାଜ ମନ୍ଦିରର ସ୍ଥିତି ଅନୁଧ୍ୟାନ କରିଥିଲେ। ମନ୍ଦିରର ରକ୍ଷଣାବେକ୍ଷଣା ଓ ପାରପାର୍ଶ୍ୱିକ ସ୍ଥିତିରେ ଅବ୍ୟବସ୍ଥା ଦେଖି କ୍ଷୋଭ ପ୍ରକାଶ କରିଥିଲେ। ବିଶେଷକରି ମନ୍ଦିରର ବିଭିନ୍ନ ସ୍ଥାନରୁ ପାଣି ଗଳିବା ଓ ମନ୍ଦିରର ପଥରର କ୍ଷୟ ହୋଇଯିବା ନେଇ ସେବାୟତମାନେ ତାଙ୍କୁ ଜଣାଇବା ପରେ ତୁରନ୍ତ ମରାମତି ପାଇଁ ନିର୍ଦ୍ଦେଶ ଦେଇଥିଲେ। ରୋଷଘର ସ୍ଥିତି ପରଖିବା ପରେ ଏହାର ଅସ୍ୱଚ୍ଛ ଓ ଅସ୍ୱାସ୍ଥ୍ୟକର ପରିବେଶ ଦେଖି ଏଥିରେ ପ୍ରଭୁଙ୍କ ପାଇଁ ପ୍ରସାଦ ନରାନ୍ଧି ଏକ ଅସ୍ଥାୟୀ ରୋଷଘର କରି ପ୍ରସାଦ ରାନ୍ଧିବା ପାଇଁ କହିଥିଲେ। ଏହାସହ ରୋଷଘର ତୁରନ୍ତ ମରାମତି କରିବା ପାଇଁ କହିଥିଲେ। କିନ୍ତୁ ତାଙ୍କ ଗସ୍ତକୁ ଏ ଭିତରେ ୬ମାସ ବିତିଯାଇଥିଲେ ହେଁ ଏପର୍ଯ୍ୟନ୍ତ କାଣିଚାଏ କାମ ବି ହୋଇପାରିନି। ଏଥିରୁ ଏସ୍ଏଆଇ କର୍ତ୍ତୃପକ୍ଷ କେତେ ଖାମଖିଆଲ, ତାହା ସ୍ପଷ୍ଟ ବାରି ହୋଇପଡୁଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଏମାନେ ଯେତେବେଳେ ଖୋଦ୍ ଏଏସ୍ଆଇ ମୁଖ୍ୟଙ୍କ କଥା ଗୁରୁତ୍ୱ ଦେଉନାହାନ୍ତି, ଅନ୍ୟମାନଙ୍କ ଅଭିଯୋଗକୁ କେତେ ଗୁରୁତ୍ୱ ଦେଉଥିବେ ତା' ଏଥିରେ ବେଶ ସ୍ପଷ୍ଟ ଅନୁମେୟ।

ସୂଚନାନୁସାରେ, ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ଭିତରେ ଏକାଧିକ ସ୍ଥାନରେ ପାଣି ଗଳୁଛି। ଭିତର ଓ ବାହାରେ ପଥର ବିଭିନ୍ନ କାରଣ ପାଇଁ ନଷ୍ଟ ହୋଇ ଦିନକୁ ଦିନ କ୍ଷୟ ହୋଇଯାଉଛି। ମନ୍ଦିର ଭିତର ଓ ବାହାରର ସ୍ଥିତି ଦେଖି ଶ୍ରଦ୍ଧାଳୁ ଓ ସଂସ୍କୃତିପ୍ରେମୀ ଏଏସ୍ଆଇର କାର୍ଯ୍ୟଦକ୍ଷତାକୁ ନେଇ କ୍ଷୋଭ ପ୍ରକାଶ କରୁଛନ୍ତି। ମନ୍ଦିର ସିଂହଦ୍ୱାର ଓ ବୃଷଭ ସ୍ତମ୍ଭ ଭିତରେ ଥିବା ପାହାଚ ଓ ଗଣେଶ ମନ୍ଦିର ଭିତରେ ଜମୁଥିବା ପାଣି



**ନିର୍ଦ୍ଦେଶକଙ୍କ ପରିଦର୍ଶନକୁ ବିତିଲାଣି ୬ମାସ**

**କାଣିଚାଏ କାମ ବି ହେଲାନି**

**କାହା ସ୍ୱାର୍ଥରେ କାମ କରୁଛି ଏଏସ୍ଆଇ?**

**କ୍ଷୟ ହେଉଛି ପଥର, ଭାଙ୍ଗିରୁଜି ଗଲାଣି ମନ୍ଦିର**

ସହ ମନ୍ଦିର ଭିତରର ଡ୍ରେନେଜ୍ ବ୍ୟବସ୍ଥା ଠିକ୍ ନାହିଁ। ଜଗମୋହନ, ଅରଗଳି ଓ ନାଟମଣ୍ଡପରେ ପାଣି ଗଳୁଛି। ସେହିପରି ଜଗମୋହନ, ଆଡ଼କାଠ, ଦ୍ୱାରବନ୍ଧ ନିକଟ ଏବଂ ମନ୍ଦିର ଦକ୍ଷିଣ ପାର୍ଶ୍ୱରେ ପାର୍ଶ୍ୱଦେବତା ମୂର୍ତ୍ତି ପଥର ଭାଙ୍ଗିଯାଇଛି। ବେଢ଼ାରେ ଥିବା ମା' ପାର୍ବତୀଙ୍କ ମନ୍ଦିର ଭିତର ସ୍ଥିତି ଭଲ ନଥିବା ବେଳେ ବେଢ଼ାରେ ଥିବା ପ୍ରାୟ ସବୁ ମନ୍ଦିରରୁ ପାଣି ଗଳୁଛି। ଆଗାମୀ ଦିନରେ କାଳବୈଶାଖୀ ବର୍ଷା ହେଲେ ସେବାୟତ ଓ ଶ୍ରଦ୍ଧାଳୁ ଉଭୟ ଦହଗଞ୍ଜ ହେବେ। ଏସବୁକୁ ଦୃଷ୍ଟିରେ ରଖି ଏହାର ମରାମତି ଉପରେ ଗୁରୁତ୍ୱ ଦେଇଥିଲେ ନିର୍ଦ୍ଦେଶକ। ହେଲେ ତାଙ୍କ କଥାକୁ ବାଏଁ ବାଏଁ ଉଡ଼ାଇ ଦେଇଛନ୍ତି ଏସ୍ଏସଆଇ ସୁପରିନ୍‌ଟେଣ୍ଡେଣ୍ଟ୍।

ସେହିପରି ମନ୍ଦିରଗୁଡ଼ିକ ଭିତରେ ଥିବା ଦୀପଷ୍ଟାଣ୍ଡ ବାହାରକୁ ଉଠାଇବା, ଅବଢ଼ା ପାଇଁ ଉଦ୍ଦିଷ୍ଟ ସ୍ଥାନରେ ଅବଢ଼ା ବିକ୍ରି କରିବା, ମନ୍ଦିର ପରିସରରେ ପଥରରେ କଣ୍ଟା ବାଡ଼େଇବା ଏବଂ ଦଉଡ଼ି ବାନ୍ଧି ତମ୍ବୁ ଟାଣିବାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଟ୍ରଷ୍ଟବୋର୍ଡକୁ ଶ୍ରୀ ଆଜମିରା ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସେତେବେଳେ ସ୍ଥିତି ଯାହା ଥିଲା, ଏବେ ବି ସେଇୟା ଅଛି। କୌଣସି ପରିବର୍ତ୍ତନ ହୋଇନାହିଁ। ମନ୍ଦିର ଟ୍ରଷ୍ଟବୋର୍ଡର ଅନୁମତି ଓ ସେବାୟତମାନଙ୍କ ସହଯୋଗରେ ବିଶେଷଜ୍ଞଙ୍କ ଦ୍ୱାରା ଯାଞ୍ଚ ଆରମ୍ଭ ହେବ। ଯାଞ୍ଚ ସମୟରେ ସାଟେଲାଇଟ୍ ମାଧ୍ୟମରେ ଡିଜିପିଏସ୍ ପ୍ରକ୍ରିୟାରେ ମନ୍ଦିରର ଫଟୋଗ୍ରାମେଟ୍ରିକ୍ (ଡ୍ରୋନ୍) ସର୍ଭେ କରାଯିବ। ଏଥିରେ ହାଇ ରିଜୋଲ୍ୟୁସନ୍‌ର ଲକ୍ଷାଧିକ ଫଟୋ ନିଆଯିବ। ଏହା ସାଙ୍ଗକୁ ମନ୍ଦିର ଭିତର ପାଖରେ ଥ୍ରିଡି ଲେଜର୍ ସ୍କାନିଂ ହେବ ବୋଲି କହିଥିଲେ।

ସେହିଭଳି ମନ୍ଦିରର ସୁରକ୍ଷା ଯାଞ୍ଚ ପାଇଁ ମନ୍ଦିର ଭିତରେ ୨୫୦ ଫୁଟର ଉଚ୍ଚ ଏବଂ ୫୦ ଟନ୍ ଓଜନ ବହନ କରୁଥିବା ଏକ କ୍ରେନ୍ ଏଏସ୍ଆଇ ପକ୍ଷରୁ ରଖାଯିବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ଏପର୍ଯ୍ୟନ୍ତ କିଛି ବି କାମ ହୋଇନଥିବା ସେବାୟତମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଏଏସ୍ଏଆଇ ଭୁବନେଶ୍ୱର ମଣ୍ଡଳ ଅଧୀକ୍ଷଣ ପ୍ରତ୍ନତତ୍ତ୍ୱବିତ୍ ସୁଶାନ୍ତ କୁମାର କରଙ୍କୁ ଯୋଗଯୋଗ କରାଯିବାରୁ ସେ କହିଛନ୍ତି, ନିର୍ଦ୍ଦେଶକ ଯେଉଁ ଯେଉଁ କାମ କରିବାକୁ କହିଥିଲେ, ତାହା ସମୟସାପେକ୍ଷ। ସମସ୍ତ ଅସୁବିଧା ଉପରେ ଦୃଷ୍ଟି ଦିଆଯାଇ କାମ କରାଯିବ। ରୋଷେଇରେ ବ୍ୟବହୃତ ହେଉଥିବା କୂଅ ସଫା ହୋଇଯାଇଛି ଓ ରୋଷଘର ସ୍ଥାନାନ୍ତର ପାଇଁ ସମସ୍ତ ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍‌ଶୀଘ୍ର ରୋଷଘର ସ୍ଥାନାନ୍ତର ହୋଇଯିବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ପତି ଏଏସ୍ଏଆଇ ଅଧିକାରୀ ଶ୍ରୀ କରଙ୍କ କଥାକୁ ଖଣ୍ଡନ କରିଛନ୍ତି। ନିର୍ଦ୍ଦେଶକ ପରିଦର୍ଶନ କରିଯିବା ପରେ କେବଳ ଅଧିକାରୀମାନେ ଆସି ତୁହାକୁ ତୁହା ପରିଦର୍ଶନ କରି ଯାଉଛନ୍ତି ସିନା କୌଣସି ଗୋଟିଏ ବି କାମ ହୋଇନାହିଁ। କୂଅ ସଫା ହେବା ଓ ରୋଷଘର ସ୍ଥାନାନ୍ତର ସମ୍ପୂର୍ଣ୍ଣ ମିଛ ବୋଲି ସେ କହିଛନ୍ତି।

ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ଲକ୍ଷ୍ମୀପ୍ରିୟା ସୁବୁଦ୍ଧି
ବଡରଘୁନାଥପୁର, ଖୋର୍ଦ୍ଧା
ଆବିର୍ଭାବ: ୧୦.୧୨.୧୯୪୨
ତିରୋଧାନ: ୨୩.୦୧.୨୦୨୪
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତରନାଥ ଶ୍ରୀ ଜଗନ୍ନାଥ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ଟୁଲା, ବୁଲୁ, ଟାଇନ, ଟୁନା, ରାଜା, ଟିକନ, ପୁତ୍ରବଧୂ- ଲିପି, ଚିନୁ, ମିନା, ବବି, ଇନା ଓ ପରିବାରବର୍ଗ

## ସବୁ ପକ୍ଷର ଯୁକ୍ତି ପରେ ଦେୟ ଘୋଷଣା କରିବେ ଓଇଆରସି

ଭୁବନେଶ୍ୱର, ୨।୨(ସମିସ): ଗ୍ରାହକଙ୍କ ଉପରେ ଆର୍ଥିକ ବୋଝ ହ୍ରାସ କରିବା ଲକ୍ଷ୍ୟରେ ବିଦ୍ୟୁତ ଶୁଳ୍କ ବୃଦ୍ଧି ନ କରିବା ଲାଗି ଟାଟା ପାୱାର ପକ୍ଷରୁ ଓଇଆରସିକୁ ପ୍ରସ୍ତାବ ଦିଆଯାଇଛି। ଆଜି ଓଇଆରସିରେ ହୋଇଥିବା ଶୁଣାଣିରେ ଟାଟା ପାୱାର୍ ପକ୍ଷରୁ ଆଗାମୀ ଆର୍ଥିକ ବର୍ଷ ପାଇଁ ଟାରିଫ୍ ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା। ଏଥିରେ ଟାଟା ପାୱାର ଦର୍ଶାଇଛି ଯେ ୨୦୨୪-୨୫ ଆର୍ଥିକ ବର୍ଷରେ ବିଦ୍ୟୁତ ସରବରାହ ଓ ବିତରଣରେ ୧୫% କ୍ଷତି ହେବା ଆଶଙ୍କା ରହିଛି। ଗ୍ରୀଡ୍‌କୋ ନିକଟରୁ କମ୍ପାନୀ ୮୧୬୧.୦୯ ନିୟୁତ ୟୁନିଟ୍ ବିଜୁଳି କ୍ରୟ କରିବା ପାଇଁ ଟାଟା ପାୱାର ପ୍ରସ୍ତାବ

**ବିଦ୍ୟୁତ୍ ଦେୟ ବୃଦ୍ଧି ନ କରିବା ପାଇଁ ପ୍ରସ୍ତାବ**

ଦେଇଥିବା ବେଳେ ସେଥିରୁ ୭୦୦୭.୧୧ ନିୟୁତ ୟୁନିଟ୍ ବିକ୍ରି କରିବ। ଏଲ୍‌ଟି ସେଲ୍ସ ବାବଦରେ କମ୍ପାନୀ ୨୬୭୮.୭୮ ନିୟୁତ ୟୁନିଟ୍ ବିନିଯୋଗ କରିବ ଯାହା ସମୁଦାୟ ବିଦ୍ୟୁତ ବିକ୍ରିର ୩୮.୨୩%। ଗ୍ରାହକଙ୍କ ପାଇଁ ଟାଟା ପାୱାର ନିମନ୍ତେ ବିଦ୍ୟୁତ ଦେୟ ନିର୍ଦ୍ଧାରଣ ସମ୍ପର୍କରେ ପରାମର୍ଶ ଦେବା ଲାଗି ଓଇଆରସି ପକ୍ଷରୁ ପୁଣେ ସ୍ଥିତ ୱାଇଜ୍ ସଂସ୍ଥାକୁ ନିୟୋଜିତ କରାଯାଇଛି। ଆଜି ଶୁଣାଣିରେ ୧୭ଟି ପକ୍ଷ ଅଂଶଗ୍ରହଣ କରିଥିଲେ। ଆସନ୍ତା ୭ ତାରିଖରେ ରାଜ୍ୟ ପରାମର୍ଶଦାତା କମିଟି ବୈଠକ ବସିବ। ସମସ୍ତ ପକ୍ଷର ପ୍ରସ୍ତାବ, ଯୁକ୍ତି ଶୁଣିବା ପରେ ଓଇଆରସି ବିଦ୍ୟୁତ ଦେୟ ସମ୍ପର୍କରେ ଘୋଷଣା କରିବେ।







# ଅପରାଧୀଙ୍କ ସୁରକ୍ଷିତ ସ୍ଥାନ ନିଶା ନିବାରଣ କେନ୍ଦ୍ର

**ଭୁବନେଶ୍ୱର, ୨।୨(ସମିସ):** ଅପରାଧୀଙ୍କ ପାଇଁ ସୁରକ୍ଷିତ ସ୍ଥାନ ପାଲଟିଛି ନିଶା ନିବାରଣ କେନ୍ଦ୍ର। ସେମାନେ ଅପରାଧ କରିବା ପରେ ପୁଲିସର ଗିରଫଦାରୀରୁ ବର୍ତ୍ତିବା ପାଇଁ ଜାଣିଶୁଣି ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି ହେଉଛନ୍ତି। ସେଠାରେ ଜାଣିଶୁଣି ନିଶାଡ଼ିଙ୍କ ଅଭିନୟ କରୁଛନ୍ତି। ୩ରୁ ୪ମାସ କେନ୍ଦ୍ରରେ ରହିବା ପରେ ବାହାରି ପୁଣି ଅପରାଧ ଘଟାଉଛନ୍ତି। ପୁଲିସ ତଦନ୍ତ କରିବା ସମୟରେ ଅଭିଯୁକ୍ତ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତିର୍ ହୋଇଥିବା ଜାଣିବା ପରେ ସେଇଠି ତଦନ୍ତ ଅଟକି ଯାଉଛି।

- ନିଶାଡ଼ି ଅଭିନୟ କରି କେନ୍ଦ୍ରରେ ଭର୍ତ୍ତି ହେଉଛନ୍ତି
- ପୁଲିସ ଚାହିଁଲେ ବି ଗିରଫ କରି ପାରୁନି
- ମାନବିକତାର ଫାଇଦା ନେଉଛନ୍ତି ହାର୍ଡକୋର୍

ଅଭିଯୁକ୍ତ ନିଶାଡ଼ି ହୋଇଥିବାରୁ ପୁଲିସ ଦୟା ଦେଖାଇ ଗିରଫ କରିପାରୁନି। ଯାହାର ଫାଇଦା ନେଉଛନ୍ତି ଅପରାଧୀ। ଅପରାଧୀ ସେଠାରେ ଭଲରେ ରହି ନିଶାଡ଼ି ଭଳି ଅଭିନୟ କରି ପୁଲିସ ନଜରରୁ ବର୍ତ୍ତି ଯାଉଛି। ଗତ କିଛି ମାସ ହେବ ଅପରାଧୀ ନିଶା ନିବାରଣ କେନ୍ଦ୍ରରେ ଲୁଚୁଥିବା ପୁଲିସ ଜାଣିବାକୁ ପାଇଛି। କାରଣ ରାଜଧାନୀରେ ଏଭଳି ଭାବରେ ୪ଟି ଘଟଣା ଦେଖିବାକୁ ମିଳିଛି। ନିକଟରେ ଖଣ୍ଡଗିରି ଥାନା ପୁଲିସ ନିଶା ନିବାରଣ କେନ୍ଦ୍ରରୁ ୪ଜଣ ଲୁଟେରାଙ୍କୁ ଗିରଫ କରିଥିଲା। ସେମାନେ ଏକାଧିକ ମହିଳାଙ୍କ ଠାରୁ ସୁନାଚେନ୍ ଲୁଟ୍‌ପାଟ କରିଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ପରେ ଅଭିଯୁକ୍ତମାନେ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ପୁଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ପାଇନଥିଲେ। ଶେଷରେ ଅଭିଯୁକ୍ତମାନେ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି ହୋଇଥିବା ଆଶ୍ଚର୍ଯ୍ୟ ହୋଇଯାଇଥିଲା। ଏହାପରେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସୁନାଚେନ୍ ଲୁଟ୍ କରିଥିଲେ। ସେହିପରି ଖଣ୍ଡଗିରି ପୁଲିସ ମଧ୍ୟ ଅପରାଧୀଙ୍କୁ ନିଶା ନିବାରଣ କେନ୍ଦ୍ରରେ ଲୁଚିଥିଲେ। ଏକ ଚୋରି ମାମଲାରେ ଅଭିଯୁକ୍ତମାନେ ନିଶା ନିବାରଣ କେନ୍ଦ୍ରରେ ଆଡ୍‌ମିଟ୍ ହୋଇ ରହିଥିଲେ। କେବଳ ସହିଦନଗର ନୁହେଁ ନୂଆପଲ୍ଲୀ, ଚନ୍ଦ୍ରଶେଖରପୁର ଥାନାରେ ମଧ୍ୟ ଏଭଳି ଦେଖିବାକୁ ମିଳିଥିଲା।

### ପୁଲିସ ନିକଟରେ ରହୁନି ତଥ୍ୟ

ସହରରେ ପ୍ରତିଦିନ ଛତୁ ଫୁଟିଲା ପରି ନିଶା ନିବାରଣ କେନ୍ଦ୍ର ଖୋଲୁଛି। ସେଠାରେ ନିର୍ଯାତନା ଏବଂ ଅନ୍ୟାନ୍ୟ ଅପରାଧ ଘଟଣା ମଧ୍ୟ ବିଗତ ଦିନରେ ଦେଖିବାକୁ ମିଳିଛି। ନିଶା ନିବାରଣ କେନ୍ଦ୍ର ପାଇଁ ସେଭଳି କିଛି ନିୟମ ନଥିବାରୁ ମାଲିକମାନେ ମନମାନି କରୁଛନ୍ତି। କେତେବେଳେ ଭର୍ତ୍ତି ହୋଇଥିବା ନିଶାଡ଼ିଙ୍କୁ ମାଡ଼ ମାରି ହତ୍ୟା କରୁଛନ୍ତି। କିନ୍ତୁ ଏବେ ପୁଲିସ ତାଙ୍କୁ ଧରିବାରେ ସମସ୍ୟା ପାଲଟୁଛି। ସେଠାରେ ପ୍ରତିଦିନ ଭର୍ତ୍ତି ହୋଇଥିବା ବ୍ୟକ୍ତିଙ୍କ ସମ୍ପର୍କରେ ତଥ୍ୟ ପୁଲିସ ନିକଟରେ ନାହିଁ। ଯେଉଁଥି ପାଇଁ ଅପରାଧୀମାନେ ସେଠାରେ ଭର୍ତ୍ତି ହେଲେ ପୁଲିସ ଜାଣି ପାରୁନି। ହୋଟେଲ ଏବଂ ଲଜ୍ ଯେପରି ପୁଲିସକୁ ଆସୁଥିବା ଗ୍ରାହକଙ୍କ ତଥ୍ୟ ଦେଉଛି। ସେହିଭଳି ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି ହେଉଥିବା ବ୍ୟକ୍ତିଙ୍କ ତଥ୍ୟ ଦିଆଯିବା ଆବଶ୍ୟକ ବୋଲି ଅନେକ ଆଇନଜୀବୀ ମତ ଦେଇଛନ୍ତି। ଏହା ହେବା ଦ୍ୱାରା ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି ହେଉଥିବା ଅପରାଧୀଙ୍କ ସମ୍ପର୍କରେ ପୁଲିସ ତଥ୍ୟ ପାଇପାରିବ।

### ଗିରଫ ଭୟରେ ମେଡିକାଲ ବାହାନା

ଅନେକ ଅପରାଧୀ ଗିରଫ ଭୟରେ ମେଡିକାଲ ବାହାନା ଦେଖାଉଛନ୍ତି। କିଏ ଏଚ୍‌ଆଇଭି ହୋଇଥିବା କହୁଛନ୍ତି ତ, ଆଉ କାହାର ପେଟ୍‌ରୋଗ। ଏପରିକି ସେମାନେ ମିଛ ମେଡିକାଲ ସାର୍ଟିଫିକେଟ୍ ପାଇଯାଉଛନ୍ତି। ପୁଲିସ ସେମାନଙ୍କୁ ଧରିବାକୁ ଯିବା ସମୟରେ ମେଡିକାଲ ସାର୍ଟିଫିକେଟ୍ ଦେଖାଇ ଖସିଯାଉଛି। ଅନେକ ଅପରାଧୀ କ୍ରାଇମ୍ କରିବା ପରେ ଜାଣିଶୁଣି ବାହାନା କରି ମେଡିକାଲରେ ଭର୍ତ୍ତି ହେଉଛନ୍ତି। ପୁଲିସ ମେଡ଼ିକାଲକୁ ଗଲେ ଅଭିଯୁକ୍ତକୁ ଦେଖି ପଳାଇ ଆସୁଛନ୍ତି। ଅଭିଯୁକ୍ତଙ୍କ ଏଭଳି ନାଟକ ପୁଲିସ ପାଇଁ ଚ୍ୟାଲେଞ୍ଜ ପାଲଟିଛି। ତେଣୁ ଅପରାଧୀଙ୍କୁ ଧରିବାକୁ ଯିବା ସମୟରେ ତା'ର ନାଟକ ସମ୍ପର୍କରେ ପୁଲିସ ଜାଣିବା ନିହାତି ଆବଶ୍ୟକ।

---

• କାର୍ ଚାଳକଙ୍କୁ କଟୁରି ଚୋଟ

## ୨୮ ମାସ ପରେ ଧରାପଡ଼ିଲା ଅଭିଯୁକ୍ତ



**ଭୁବନେଶ୍ୱର, ୨।୨(ସମିସ):** କାର ଚାଳକଙ୍କୁ କଟୁରୀରେ ଆକ୍ରମଣ ଘଟଣାର ଦୁଇବର୍ଷ ୪ ମାସ ପରେ ଅଭିଯୁକ୍ତକୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଶାନ୍ତିପଲ୍ଲୀ ବସ୍ତିରେ ରହୁଥିବା ଗୋପ ଥାନା ମଦରଙ୍ଗାର ସତ୍ୟବ୍ରତ ପ୍ରଧାନ ଓରଫ୍ ରାଜା (୨୪)। ପୁଲିସ ସୂଚନା ଅନୁସାରେ, ୨୦୨୧ ମସିହା ସେପ୍ଟେମ୍ବର ୧୨ତାରିଖ ରାତିରେ ରମେଶ କୁମାର ସାହୁ ତାଙ୍କର ସାଙ୍ଗମାନଙ୍କ ସହିତ କାର୍ ଯୋଗେ ବିଏମ୍‌ସି ଭବାନୀ ମଲ୍ ରାସ୍ତା ଦେଇ ବିଡିଏ ପାର୍କକୁ ଯାଉଥିଲେ। ସେହି ସମୟରେ ରାଜା ଓ ତା'ର ସହଯୋଗୀ ଆଇନକ୍ସ ସାମ୍ନା ମଝି ରାସ୍ତାରେ ଛିଡ଼ା ହୋଇଥିଲା। ରମେଶ ସେମାନଙ୍କୁ ରାସ୍ତାରୁ ଯିବାକୁ କହିବାରୁ ଉଭୟପକ୍ଷଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାପରେ ରାଜା ରାଗିଯାଇ ରମେଶଙ୍କ କାର୍‌କୁ ଅଟକାଇ ଗାଳି ଗୁଲଜ କରିଥିଲା। ଏଥିସହିତ ଏକ କଟୁରିରେ ଆକ୍ରମଣ କରିଥିଲା। ଏଥିରେ ରମେଶ ଗୁରୁତର ଆହତ ହୋଇଥିଲେ। ସେ ସହିଦନଗର ଥାନାରେ ଏ ସମ୍ପର୍କରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଶୁକ୍ରବାର ଭବାନୀ ମଲ୍ ନିକଟରେ ଚଢ଼ଉ କରି ରାଜାକୁ ଗିରଫ କରିଥିଲା। ରାଜ ଅଭ୍ୟାସଗତ ଅପରାଧୀ ହୋଇଥିବାବେଳେ ସେ ସହିଦନଗର ଓ ଚନ୍ଦ୍ରଶେଖରପୁର ଥାନାରେ ୧୧ଟି ଅପରାଧିକ ମାମଲାରେ କୋର୍ଟ ଚାଲାଣ ହୋଇଥିବା ଜଣାପଡ଼ିଥିଲା।

## ପୂର୍ବ ଶତ୍ରୁତାରୁ ଆକ୍ରମଣ

**ଭୁବନେଶ୍ୱର, ୨।୨(ସମିସ):** ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଛି। ଏହି ଘଟଣା ଏୟାରଫିଲ୍ଡ ଥାନା ସୁନ୍ଦରପଡ଼ା, ହରିଆ ଛକ ନିକଟରେ ଏହି ଘଟଣା ଘଟିଛି। ଗୁରୁତର ଆହତ ହୋଇଥିବା ଯୁବକଙ୍କୁ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ପୁଲିସ ଚଢ଼ଉ କରି ଜଣଙ୍କୁ କାବୁ କରିଥିବା ବେଳେ ଅନ୍ୟଜଣେ ଫେରାର ହୋଇଯାଇଥିଲା। ତାକୁ ଧରିବା ପାଇଁ ପୁଲିସ ଚଢ଼ଉ ଜାରି ରଖିଛି। ସୂଚନା ଅନୁସାରେ, ପୂର୍ବରୁ ଏହି ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ତେଣୁ ଗତକାଲି ରାତିରେ ରାଗ ରଖି ଦୁଇ ଜଣ ଯୁବକ ହରିଆ ଛକରେ ଆହତ ଯୁବକଙ୍କୁ ଅଟକାଇ ଆକ୍ରମଣ କରିଥିଲେ।

---

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ 'ସ୍ଥାପତ୍ୟ ଓଡ଼ିଆ ଭାଷା ଉଦ୍ୟାନ'

**ଭୁବନେଶ୍ୱର, ୨।୨(ସମିସ):** ଆମ ମାତୃଭାଷା ଓଡ଼ିଆର ପ୍ରଚାର, ପ୍ରସାର ଓ ବିକାଶ ପାଇଁ ଏବଂ ଓଡ଼ିଆ ଭାଷାକୁ ବିଶ୍ୱାଭିମୁଖୀ କରାଇବା ନିମନ୍ତେ ପ୍ରତି ପାଞ୍ଚ ବର୍ଷରେ ଥରେ 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ଆୟୋଜନ କରିବା ନିମନ୍ତେ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି କ୍ରମରେ ଆସନ୍ତା କାଲି ଅର୍ଥାତ୍ ୩ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ତିନିଦିନ ବ୍ୟାପୀ ପ୍ରଥମ 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ଆୟୋଜନ

### ଭାସ୍କର୍ଯ୍ୟରେ ଓଡ଼ିଆ ଭାଷା ଓ ବରପୁତ୍ରଙ୍କ କାହାଣୀ

କରାଯାଉଛି। ଏହି ଅବସରରେ ଓଡ଼ିଆ ଭାଷା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ସେହିକ୍ରମରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଆରମ୍ଭ ହୋଇଛି 'ସ୍ଥାପତ୍ୟ ଓଡ଼ିଆ ଭାଷା ଉଦ୍ୟାନ'। ତେବେ ବିଶ୍ୱବିଦ୍ୟାଳୟସ୍ତରରେ ଭାରତବର୍ଷରେ ଉଚ୍ଚଶିକ୍ଷା ବିଭାଗରେ ଏହା ପ୍ରଥମ କରି କରାଯାଇଛି। ଏହି ଉଦ୍ୟାନରେ ପଥର ଗୁଡ଼ିକରେ ଓଡ଼ିଆ ଭାଷା ଓ ବରପୁତ୍ରଙ୍କ କାହାଣୀ ପ୍ରଦର୍ଶିତ ହୋଇଛି। ଓଡ଼ିଶାର ପ୍ରସିଦ୍ଧ ଲେଖକ, କବିମାନଙ୍କ ଲେଖା ଓ ସେମାନଙ୍କ ଚିତ୍ର ୩-ଡି ପଥରରେ ଶୋଭାପାଉଛି। ପ୍ରଥମ ବିଶ୍ୱ ଓଡ଼ିଆ ଭାଷା



ସମ୍ମିଳନୀ ଉପଲକ୍ଷେ ଉତ୍କଳ ସଂସ୍କୃତି ଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ସ୍ଥାପତ୍ୟ ବିଭାଗ ପକ୍ଷରୁ ୧୦ ଦିନିଆ ରାଜ୍ୟସ୍ତରୀୟ ସ୍ଥାପତ୍ୟ କର୍ମଶାଳା 'ଆ-କାର' ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳା ଗତ ଜାନୁଆରୀ ୨୨ରୁ ୩୧ ତାରିଖ ଯାଏ ଅନୁଷ୍ଠିତ ହୋଇଥିଲା। ୨୫ଜଣ ସ୍ଥାପତ୍ୟ ଶିଳ୍ପୀ ଯଥା ମେଣ୍ଟର, ବିଶ୍ୱବିଦ୍ୟାଳୟର ସ୍ଥାପତ୍ୟ ଶିକ୍ଷକ, ଗବେଷକ, ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ରଙ୍କ ସମେତ ସ୍ନାତକତ୍ତୋର ବିଭାଗର ଛାତ୍ରମାନଙ୍କ ସହଯୋଗରେ ଏହି କର୍ମଶାଳା ଆୟୋଜନ କରାଯାଇଥିଲା। ଏହି କର୍ମଶାଳା ଅଧୀନରେ ବିଶ୍ୱବିଦ୍ୟାଳୟ ପରିସରରେ 'ସ୍ଥାପତ୍ୟ ସଡ଼ିଆ ଭାଷା ଉଦ୍ୟାନ' କରାଯାଇଛି। ଏଥିରେ ୨୦ରୁ ଉର୍ଦ୍ଧ୍ୱ ଓଡ଼ିଆ ଅକ୍ଷର ୩-ଡି' ପିକ୍‌ଚରରେ ଖଣ୍ଡେଲାଇଟ୍ ପଥରରେ ସ୍ଥାନ ପାଇଛି। ଏହି ସ୍ଥାପତ୍ୟଗୁଡ଼ିକ ବିଭିନ୍ନ କୋଣରୁ ଦେଖିଲେ ଏହା ଭିନ୍ନ ଭିନ୍ନ ଦେଖାଯିବ। ଏହି ଉଦ୍ୟାନରେ ପ୍ରସ୍ତରମାନଙ୍କୁ ନେଇ ବିଭିନ୍ନ ଲେଖା ଓ ଅକ୍ଷର ରହିଛି। ବରପୁତ୍ରମାନଙ୍କ ଚିତ୍ର ସହ ତାଙ୍କର ଲେଖା ପଥରରେ ଜୀବିତ ହୋଇଉଠିଛି। ଏହି କର୍ମଶାଳା 'ଆ କାର' ନିମନ୍ତେ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ଏଥିପାଇଁ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଅର୍ଥ ଯୋଗାଇ ଦିଆଯାଇଥିବା ବିଶ୍ୱବିଦ୍ୟାଳୟର କୁଳପତି ପ୍ରସନ୍ନ ସ୍ୱାଇଁ କହିଛନ୍ତି। ତେବେ ଏହି ସ୍ଥାପତ୍ୟ ଉଦ୍ୟାନକୁ ଛାତ୍ରଛାତ୍ରୀ ବୁଲିବାର ସୁଯୋଗ ପାଇବେ।

## 'ସମସାମୟିକ ଚିତ୍ରକଳା ପ୍ରଦର୍ଶନୀ' ଉଦ୍‌ଘାଟିତ

**ଭୁବନେଶ୍ୱର, ୨।୨(ସମିସ):** ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ଧର୍ମପଦ ପୁରସ୍କାର ପାଇଥିବା ବରିଷ୍ଠ ଶିଳ୍ପୀମାନଙ୍କର କଳାକୃତିକୁ ନେଇ ଏକ ସମସାମୟିକ ଚିତ୍ରକଳା ପ୍ରଦର୍ଶନୀ ସ୍ଥାନୀୟ ନୀଳାଦ୍ରି ବିହାରସ୍ଥିତ ବୁଦ୍ଧ ଆର୍ଟ ଗ୍ୟାଲେରୀ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏକାଡେମୀର ସଭାପତି ତଥା ଆନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଧର୍ମପଦ ପୁରସ୍କାର ପ୍ରାପ୍ତ ବରିଷ୍ଠ ଚିତ୍ର ଶିଳ୍ପୀ ବିନୋଦ ମହାରଣା, ବଂଶୀଧର ପ୍ରତିହାରୀ ଓ ଶ୍ୟାମସୁନ୍ଦର ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରି ବରିଷ୍ଠ ଶିଳ୍ପୀମାନଙ୍କର ସୃଜନଶୀଳ ଚିତ୍ରକଳା ଆଗାମୀ ଯୁବଶିଳ୍ପୀଙ୍କ ପାଇଁ ପ୍ରେରଣାଦାୟକ ହେବ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ। ଏକାଡେମୀର ସଚିବ ପଞ୍ଚାନନ ସାମଲ ଅତିଥିମାନଙ୍କର ପରିଚୟ ପ୍ରଦାନ ସହ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଉକ୍ତ ପ୍ରଦର୍ଶନୀରେ ଓଡ଼ିଶାର ଖ୍ୟାତନାମା ବରିଷ୍ଠ ଚିତ୍ରଶିଳ୍ପୀ ଡ. ମୁରଲୀଧର ଟାଲି, ରବିନାରାୟଣ ନାୟକ, ଅଜିତ କେଶରୀ ରାୟ, ଅନନ୍ତ କୁମାର ପଣ୍ଡା, ଅସିତ ମୁଖାର୍ଜୀ, ଗୋକୁଳ ବିହାରୀ ପଟ୍ଟନାୟକ, ଡ. ଦୁର୍ଗା ପ୍ରସାଦ ଦାସ, ପଦ୍ମଭୂଷଣ ଡ. ଯତୀନ ଦାସ, ଦୀନନାଥ ପାଠୀ, ପଦ୍ମବିଭୂଷଣ ରଘୁନାଥ ମହାପାତ୍ର, ବନବିହାରୀ ପରିଡ଼ା, ଶ୍ୟାମ ସୁନ୍ଦର ପଟ୍ଟନାୟକ, ଜଗଦୀଶ ଚନ୍ଦ୍ର କାନୁନ୍‌ଗୋ, ବିନୋଦ ମହାରଣା, ମହେନ୍ଦ୍ର ପ୍ରସାଦ ମହାପାତ୍ର, ଲଲାଟ ମୋହନ ପଟ୍ଟନାୟକ ପ୍ରମୁଖଙ୍କ ୩୬ଟି କଳାକୃତି ସ୍ଥାନ ପାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଏକାଡେମୀର ସାଧାରଣ ପରିଷଦର ସଦସ୍ୟ ବିଜୟ କୁମାର ପରିଡ଼ା, ଶିଳ୍ପୀ ସୁଶାନ୍ତ କୁମାର ସିଂ ସାମନ୍ତ, ବିଶ୍ୱରଞ୍ଜନ କର, ନରୋତ୍ତମ ଦାସ ଓ ସ୍ୱର୍ଣ୍ଣଲତା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରଦର୍ଶନୀ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ଦିବା ୧୧ ଘଟିକାରୁ ସନ୍ଧ୍ୟା ୭ ଘଟିକା ପର୍ଯ୍ୟନ୍ତ ଖୋଲା ରହିବ।

---

## ଅବହେଳିତଙ୍କ ସେବା ପାଇଁ ସୁଯୋଗ ଦେଉଛି 'ଆଜିର ସୃଜନୀ'

**ଭୁବନେଶ୍ୱର, ୨।୨(ସମିସ):** ଅବହେଳିତଙ୍କ ସେବା ପାଇଁ ଆଜିର ସୃଜନୀ ଅନୁଷ୍ଠାନ ସୁଯୋଗ ସୃଷ୍ଟି କରୁଛି। ଆଜିର ସୃଜନୀ ପକ୍ଷରୁ ସପ୍ତମ ବାର୍ଷିକ ଉତ୍ସବ ଦୁଇ ଦିନ ଧରି ଭଞ୍ଜକଳାମଣ୍ଡପ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏଭଳି ମତପ୍ରକାଶ ପାଇଛି। ପ୍ରଥମ ଦିନ ଆସ ଜାଣିବା ଗାନ୍ଧୀଙ୍କୁ କାର୍ଯ୍ୟକ୍ରମ, ଦ୍ୱିତୀୟ ଦିନ ମହିଳା ଓ ଶିଶୁ ବିକାଶ ପାଇଁ ଅନୁଷ୍ଠାନର ଉଦ୍ୟମ ଓ ଆଭିମୁଖ୍ୟ ଉପରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ଗତ ୭ବର୍ଷ ଧରି ଅନୁଷ୍ଠାନ ପକ୍ଷରୁ ଅସହାୟ ଲୋକଙ୍କୁ ସହାୟତା ଓ ଶିଶୁମାନଙ୍କୁ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମରେ ସାମିଲ କରିବା ଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଅନୁଷ୍ଠାନର ପ୍ରତିଷ୍ଠାତା ଡ. ସୁଜାତା ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏସ୍‌ବିଆଇର ଅଧିକାରୀ ସଞ୍ଜୟ ଝା, ଲିପ୍‌ସା ହଂସ ଓ ଚାନ୍ଦିଭଣ୍ଡାର, ମାଣିକ ହଂସ, ତନିସ୍କର ଅଧିକାରୀମାନେ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ କଣ୍ଠଶିଳ୍ପୀ ଅନୀତା ଦାଶ ସମାଜର ଅବହେଳିତଙ୍କ ପାଇଁ ଅନୁଷ୍ଠାନ ସେବା କରିବାର ସୁଯୋଗ ସୃଷ୍ଟି କରିଛି ବୋଲି କହିଥିଲେ। ଏହି ଅବସରରେ ଆଜିର ସୃଜନୀ ପକ୍ଷରୁ ଏସ୍‌ବିଆଇର ସହଭାଗିତାରେ ୩୦ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସିଲାଇ ମେସିନ୍, ୩୨ଟି ସ୍କୁଲକୁ ବିଜୁଳି ପଙ୍ଖା ପ୍ରଦାନ କରାଯାଇଥିଲା। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମିଳନଙ୍କ ସଂଯୋଜନାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିମୋହିତ କରିଥିଲା। ଏଥିରେ ସିକତା, ମଧୁଲିକା, ସୁଜାତା ରାୟ, ସୁଚିସ୍ମିତା ନନ୍ଦ, ଜ୍ୟୋତ୍ସ୍ନା ମହାରଣା, ସ୍ୱର୍ଣ୍ଣ ପ୍ରଭା ଦାଶ, ସଂସ୍ମିତା ରାୟ ପ୍ରମୁଖ ସହଯୋଗ କରିଥିଲେ।

## ଷ୍ଟେସନରୁ ଚୋରି ଉଦ୍ୟମ; ୫ ଗିରଫ

**ଭୁବନେଶ୍ୱର, ୨।୨(ସମିସ):** ରେଳ ଷ୍ଟେସନରୁ ଚୋରି କରିବା ପାଇଁ ଯୋଜନା କରୁଥିବା ବେଳେ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ଚଢ଼ଉ କରି ୫ ଅପରାଧୀଙ୍କୁ ଗିରଫ କରିଛି। ସେମାନେ ହେଲେ, ଗଞ୍ଜାମ ଜିଲ୍ଲାର ସିଦ୍ଧାନ୍ତ ଦାସ, ସତ୍ୟନଗର ପଞ୍ଜାବୀ କଲୋନୀରେ ରହୁଥିବା ଅନୁଗୋଳ ଜିଲ୍ଲାର ଶିବ ପ୍ରସାଦ ସାହୁ, ପୁରୀ ମାଟିମଣ୍ଡପ ସାହିର ଅକ୍ଷୟ ପଣ୍ଡା, ବମିଖାଲ ଜେନା ସାହିର ଯୋଗେନ୍ଦ୍ର ଜେନା ଓ ଆନ୍ଧ୍ର ପ୍ରଦେଶର ନାକା ମହାନ୍ତ କଲ୍ୟାଣ। ଅଭିଯୁକ୍ତମାନେ ମଞ୍ଚେଶ୍ୱର ଷ୍ଟେସନ ଅଞ୍ଚଳରେ ଲୁଟପାଟ୍ କରିବା ପାଇଁ ଯୋଜନା କରୁଥିଲେ। ସୂଚନା ପାଇ ଆର୍‌ପିଏଫ୍ ପାଟ୍ରୋଲିଂ ଦଳ ସେଠାରେ ଚଢ଼ଉ କରିଥିଲା। ଘଟଣାସ୍ଥଳରୁ ଅନ୍ୟ ୩ ଦୁର୍ବୃତ୍ତ ଫେରାର ହୋଇଯାଇଥିଲେ।

## ଦିନରେ ପାନ ବେପାର, ରାତିରେ ନିଶା କାରବାର

**ଭୁବନେଶ୍ୱର, ୨।୨(ସମିସ):** ଦିନରେ ପାନ ବ୍ୟବସାୟ, ହେଲେ ରାତି ହେଲେ ଚାଲୁଥିଲା ନିଶା କାରବାର। କୋଡ୍ ୱାର୍ଡ କହିଲେ ମିଳୁଥିଲା ଡ୍ରଗ୍ସ ଏବଂ ଗଞ୍ଜେଇ। ଗାଁ ଛକରେ ପାନ ଦୋକାନ ହୋଇଥିବାରୁ ବେଶ୍ ଲୋକଙ୍କ ଭିଡ଼ ରହୁଥିଲା। ଲୋକେ ପାନ ଖାଇବା ସହ ଗଞ୍ଜେଇ ଏବଂ ଡ୍ରଗ୍ସ କିଣି ନେଉଥିଲେ। ଶେଷରେ ଖବର ପାଇ ଲକ୍ଷ୍ମୀସାଗର ଥାନା ପୁଲିସ ଏହି ପାନ ଦୋକାନୀକୁ ଗିରଫ କଲା। ଯାଞ୍ଚ କରିବା ପରେ ତା' ନିକଟରୁ ୧ କେଜି ୧୦୦ ଗ୍ରାମ ଓଜନର ଗଞ୍ଜେଇ, ୫ ଗ୍ରାମ ଓଜନର ଧଳାଜହର ସମେତ ନଗଦ ୨ଲକ୍ଷ ୪୬ ହଜାର ୪୫୫ ଟଙ୍କା ପୁଲିସ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲା ଲକ୍ଷ୍ମୀସାଗର ଲେଙ୍କା

**ଗଞ୍ଜେଇ ଓ ଧଳାଜହର ସମେତ ୨.୪୬ ଲକ୍ଷ ଜବତ, ବ୍ୟବସାୟୀକୁ ଗିରଫ**

ସାହିର ରାକେଶ କୁମାର ଲେଙ୍କା ଓରଫ ଗୁଣ୍ଡା। ଅଭିଯୁକ୍ତକୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁସାରେ, ଉକ୍ତ ପାନ ଦୋକାନରେ ଦୀର୍ଘ ଦିନ ହେବ ନିଶା କାରବାର ହେଉଥିବା ପୁଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ଅଭିଯୁକ୍ତକୁ ଧରିବା ଲାଗି ପୁଲିସ ଯୋଜନା କରିଥିଲା। ଶୁକ୍ରବାର ପୁଲିସର ଏକ ସ୍ୱତନ୍ତ୍ର ଦଳ ଉପରୋକ୍ତ ସୂଚନାକୁ ଆଧାର କରି ପାନ ଦୋକାନରେ ହଠାତ୍ ଚଢ଼ଉ କରିଥିଲା। ଘଟଣାସ୍ଥଳରେ ରାକେଶକୁ ପୁଲିସ କାବୁ କରିବାରେ ସକ୍ଷମ ହୋଇଥିଲା। ଯାଞ୍ଚବେଳେ ପାନ ଦୋକାନରୁ ଲକ୍ଷାଧିକ ଟଙ୍କା ମିଳିବା ସହ ଗଞ୍ଜେଇ ଓ ଧଳାଜହର ପୁଲିସ ଜବତ କରିଥିଲା।

---

ଅନ୍‌ଲାଇନ୍ ଚିଟ୍‌ଫଣ୍ଡର ନୂଆ ଅଧ୍ୟାୟ

# ସାଇବର ଠକଙ୍କ ବିଜ୍ଞାପନ ମଙ୍ଗ ଧରିଛନ୍ତି ୟୁଟ୍ୟୁବର୍

**ଭୁବନେଶ୍ୱର, ୨।୨(ସମିସ):**

୨୦୨୧ ମସିହାରେ ଓଡ଼ିଶା ସମେତ ଦେଶରେ ଆସିଥିବା କରୋନା ଲହର ଦେଶର ମେରୁଦଣ୍ଡକୁ ଦୋହଲାଇ ଦେଇଥିଲା। ଦେଶରୁ ଲକ୍‌ଡାଉନ୍ ଓ ସଟ୍‌ଡାଉନ୍ ଉଠିବା ପୂର୍ବରୁ ଅନ୍‌ଲାଇନ୍ ଚିଟଫଣ୍ଡ ଭଳି ଏକ ଅଦୃଶ୍ୟ ବିପର୍ଯ୍ୟୟ ଲୋକଙ୍କୁ ଗ୍ରାସି ସାରିଥିଲା। ନିର୍ଦ୍ଦିଷ୍ଟ କିଛି ଆପ୍ ଜରିଆରେ ଟଙ୍କା ନିବେଶ କରି ମାସକରେ ସୁଧ ସମେତ ଦୁଇ ଗୁଣା ଅର୍ଥ ଫେରସ୍ତ ପାଆନ୍ତୁ ଭଳି ଅଫର୍ ଦେଇ ପ୍ରାୟ ୬୦ କୋଟି ଠକିନେଇଥିଲେ ସାଇବର ଅପରାଧୀ। ଏ ନେଇ କ୍ରାଇମ୍‌ବ୍ରାଞ୍ଚ ସାଇବର୍ ସେଲ୍‌ରେ ଅଭିଯୋଗ ହୋଇଥିଲା। ଏବେ ଏହି ଅନ୍‌ଲାଇନ୍ ଚିଟଫଣ୍ଡ ଠକେଇ ନୂଆ ରୂପରେ ଫେରିଛି। ସେତେବେଳେ ମେସେଜ୍ ଜରିଆରେ ସାଇବର ଠକ ଲୋକଙ୍କ ପାଖରେ ପହଞ୍ଚୁଥିଲେ। ଆଉ ଏବେ ଇନ୍‌ଷ୍ଟାଗ୍ରାମରେ ଅଧିକ ଫଲୋଅର୍ସ ଥିବା କିଛି ବ୍ୟକ୍ତି ବିଶେଷ, ୟୁଟ୍ୟୁବର ଓ କିଛି ଟେଲି କଳାକାରଙ୍କୁ ଢାଲ କରିଛନ୍ତି ସାଇବର ଠକ। ଆଉ ଏହି ସାଇବର ଠକଙ୍କ କାରନାମାକୁ କିଛିଟା ଅର୍ଥ ଲୋଭରେ ପରୋକ୍ଷରେ ସମର୍ଥନ କରୁଛନ୍ତି ସ୍ଥାନୀୟ ୟୁଟ୍ୟୁବର। ନୈତିକତାକୁ ଭୁଲି ବିଜ୍ଞାପନ ମାଧ୍ୟମରେ ସାଇବର ଠକ ପାଖରେ ଟଙ୍କା ଲଗାଇବାକୁ ପ୍ରବର୍ତ୍ତାଉଛନ୍ତି। ଏସବୁ ଉପରେ ବିରାମ ଲଗାଇବାକୁ କେହି ନଥିବାରୁ ସାମାଜିକ ଗଣମାଧ୍ୟମରେ ଏହା ଦ୍ରୁତ ଗତିରେ ବଢ଼ିଚାଲିଛି।

### କେମିତି ହେଉଛି ଠକେଇ

ଆପଣଙ୍କ ପାଖରେ ୧୨୦୦ ଟଙ୍କା ଅଛି କି? ତେବେ ଚାଲନ୍ତୁ ମାତ୍ର ଘଣ୍ଟାଏ ଭିତରେ ଆମେ ତାକୁ ୯୫୦୦ ଟଙ୍କା କରିବା। ଏଭଳି କିଛି ଭିଡିଓ ଏବେ ଇନ୍‌ଷ୍ଟଗ୍ରାମରେ ଘୂରି ବୁଲୁଛି। ଆଉ ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଏଇଭଳି ଭିଡିଓ ପୋଷ୍ଟ କରୁଥିବା ପ୍ରୋଫାଇଲକୁ ପ୍ରମୋଟ୍ କରୁଛନ୍ତି ୟୁଟ୍ୟୁବର।



ଆପଣ ଘରେ ବସି ଦିନକୁ ୧୦ରୁ ୧୫ହଜାର ଟଙ୍କା ରୋଜଗାର କରିବାକୁ ଚାହୁଁଛନ୍ତି କି? ମୁଁ ତଳେ ଏକ ବିଶ୍ୱାସଯୋଗ୍ୟ ଆଇଡି ମେନସନ୍ କରିଛି। ଆପଣ ସେହି ଆଇଡିରେ ମେସେଜ୍ କରନ୍ତୁ, ଆଉ ଘରେ ବସି ଢେର୍‌ସାରା ପଇସା କମାନ୍ତୁ। ଏଇଭଳି କେଇ ପଦ କଥା କହି ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଭିଡିଓ ପୋଷ୍ଟ କରୁଛନ୍ତି ୟୁଟ୍ୟୁବର୍। ସେମାନେ ଏହିଭଳି ଭିଡିଓ ପୋଷ୍ଟ କରୁଥିବାରୁ ଲୋକମାନେ ତାଙ୍କୁ ସହଜରେ ବିଶ୍ୱାସ କରି ନେଉଛନ୍ତି। ଇନ୍‌ଷ୍ଟଗ୍ରାମରେ ଏହିଭଳି ବିଜ୍ଞାପନ ଦେଖି ଦୀପେଶ ମହାପାତ୍ର ଏକ ଆଇଡିକୁ ମେସେଜ୍ କରିବା ପରେ ସେ ଏକ ଟେଲିଗ୍ରାମ ଚ୍ୟାନେଲ୍‌ରେ ଯୋଡ଼ି ହେଲେ। ୫ ହଜାର ଟଙ୍କା ବିନିଯୋଗ କରିବା ପରେ ସାଇବର ଠକଙ୍କ କହିବା ମୁତାବକ ତାହା ୩୦ ହଜାର ଟଙ୍କା ହୋଇଥିଲା। ପରବର୍ତ୍ତୀ ସମୟରେ କ୍ରମାଗତ ଭାବେ ୫ ହଜାର ଓ ୨୬ ହଜାର ବିନିଯୋଗ କରିଥିଲେ। ଟଙ୍କା ଉଠାଇବାକୁ କହିବାରୁ ସାଇବର ଠକ ତାଙ୍କୁ ୨୧ ହଜାର ଟଙ୍କା ଚାର୍ଜେସ ଦେବାକୁ କହିଥିଲେ ଓ ଦୀପେଶ ମଧ୍ୟ ଦେଇଥିଲେ। ଟଙ୍କା ଆସିନାହିଁ କହି ପୁଣି ୧୭ ହଜାର ନେଇଥିଲେ ସାଇବର ଠକ। ହେଲେ ଟଙ୍କାଟିଏ ମଧ୍ୟ ଦେଇନଥିଲେ। ପ୍ରାୟ ୭୫ ହଜାର ଟଙ୍କା ଠକାମୀର ଶିକାର ହେବାପରେ ଦୀପେଶ ସାଇବର ହେଲ୍ପ ଡେସ୍କର ସହାୟତା ଲୋଡ଼ିଥିଲେ।

### କେତେ ଦାୟିତ୍ୱବାନ୍ ଆମ ୟୁଟ୍ୟୁବର

ୟୁଟ୍ୟୁବରମାନେ ସ୍ଥାନୀୟ ଅଞ୍ଚଳରେ ଖୁବ୍ ଲୋକପ୍ରିୟ ହୋଇଥିବାରୁ ସେମାନେ ଯେଉଁସବୁ ଜିନିଷ ବ୍ୟବହାର କରନ୍ତି, ତାକୁ ସାଧାରଣ ଲୋକମାନେ ଅତି ସହଜରେ ଗ୍ରହଣ କରି ନିଅନ୍ତି। ସେଥିଲାଗି ଭିନ୍ନ ଭିନ୍ନ କମ୍ପାନୀମାନେ ୟୁଟ୍ୟୁବର୍ ବା ସାମାଜିକ ଗଣମାଧ୍ୟମରେ ଲୋକପ୍ରିୟତା ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ବିପୁଳ ଅର୍ଥ ଦେଇ ବିଭିନ୍ନ ବିଜ୍ଞାପନରେ ଉପଯୋଗ କରୁଛନ୍ତି। କିନ୍ତୁ ସେମାନଙ୍କୁ କିଏ ଯୋଗାଯୋଗ କରି ବିଜ୍ଞାପନ କଥା କହିଲା। କୋଉଠୁ ଟଙ୍କା ସେମାନଙ୍କ ପାଖକୁ ଆସିଲା। ସେମାନେ ଯାହା ପାଇଁ ବିଜ୍ଞାପନ କରୁଛନ୍ତି, ସେମାନେ ଠକ ନୁହଁନ୍ତି ତ। ଏ ବାବଦରେ ୟୁଟ୍ୟୁବରମାନେ ଖୋଳତାଡ଼ କରୁନାହାନ୍ତି। କେଇଟା ଟଙ୍କା ପାଇଁ ସେମାନେ ତଳ ସ୍ତରକୁ ଖସି ଯାଉଛନ୍ତି। ଆଉ ଅଜଣା ଲୋକଙ୍କ କଥାରେ ଆଖି ବୁଜି ଯେ କୌଣସି ବିଜ୍ଞାପନକୁ ପ୍ରମୋଟ୍ କରୁଛନ୍ତି। ୟୁଟ୍ୟୁବରମାନଙ୍କ ଏହି ଛଳ ବିଜ୍ଞାପନ ଲୋକମାନଙ୍କର କ୍ଷତି କରୁଛି। ୟୁଟ୍ୟୁବରଙ୍କ ବିଜ୍ଞାପନରେ ଲୋକମାନେ ପ୍ରଲୋଭିତ ହୋଇ ଲକ୍ଷ ଲକ୍ଷ ଟଙ୍କା ହରାଉଛନ୍ତି। ୟୁଟ୍ୟୁବରଙ୍କ ପ୍ରତାରଣାମୂଳକ ପ୍ରତିଶ୍ରୁତି ଯୋଗୁଁ ଲକ୍ଷାଧିକ ଟଙ୍କାର କ୍ଷତି ହେଉଥିବାରୁ ଏହାର ପ୍ରଚାର ଓ ପ୍ରସାରରେ ସେମାନଙ୍କ ସମ୍ପୃକ୍ତି ନେଇ ପ୍ରଶ୍ନ ଉଠିଛି। ତେବେ ପୁଲିସ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରିବ କି?

### କ'ଣ ରହିଛି ନିୟମ

ଗ୍ରାହକ ସୁରକ୍ଷା ଆଇନ-୨୦୧୯ ଅନୁଯାୟୀ, ନିଜ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ବାରମ୍ବାର ମିଛ ବିଜ୍ଞାପନ ସେୟାର କରୁଥିଲେ ୧୦ଲକ୍ଷରୁ ୫୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ନିର୍ଦ୍ଦେଶ ରହିଛି। ସାମାଜିକ ଗଣମାଧ୍ୟମ ପଲିସି-୨୦୨୧ ଅନୁଯାୟୀ, ପ୍ରାରମ୍ଭିକ ପର୍ଯ୍ୟାୟରେ ସାଇବର ଠକଙ୍କ ଦ୍ୱାରା ଦିଆଯାଉଥିବା ମିଥ୍ୟା ବିଜ୍ଞାପନ ୪୮ ଘଣ୍ଟା ମଧ୍ୟରେ ପ୍ରମୋସନ କରୁଥିବା ଆକାଉଣ୍ଟରୁ ନ ହଟାଇଲେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବାର ବ୍ୟବସ୍ଥା ରହିଛି। ଏଥିସହିତ ବଢ଼ୁଥିବା ସାଇବର ଠକେଇକୁ ନଜରରେ ରଖି କେନ୍ଦ୍ର ସରକାର ୨୦୨୩ରେ ମିଥ୍ୟା ବିଜ୍ଞାପନ ତଥା ସାଇବର ଠକଙ୍କୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ସହଯୋଗ କରୁଥିବା ବ୍ୟକ୍ତିଙ୍କୁ ୩ରୁ ୬ବର୍ଷ ଜେଲ୍ ଦଣ୍ଡ ଓ ୧୦ରୁ ୩୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ନିୟମ କରିଛନ୍ତି। ସାଇବର ବିଶେଷଜ୍ଞ ଆକାଶ ମିଶ୍ରଙ୍କ କହିବା ଅନୁସାରେ, ସୋସିଆଲ ମିଡିଆରେ ଲୋକପ୍ରିୟ ବ୍ୟକ୍ତିବିଶେଷମାନେ ଟଙ୍କା ପାଇଁ ସେମାନଙ୍କ ଫଲୋଅର୍ସମାନଙ୍କୁ ବୋକା ବନାଉଛନ୍ତି। ଲୋକମାନେ ବି ସତ୍ୟତା ନଥିବା ବିଜ୍ଞାପନ ଓ କମ୍ ସମୟରେ ଅଧିକ ଟଙ୍କା ପାଇବା ଆଶାରେ ଏଭଳି ବିଜ୍ଞାପନ ଉପରେ ବିଶ୍ୱାସ କରୁଛନ୍ତି। ଯେଉଁଥିପାଇଁ ସେମାନେ ଠକେଇର ଶିକାର ହେଉଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ୟୁଟ୍ୟୁବରମାନେ ମଧ୍ୟ ନୈତିକତା ଭୁଲି ଯାଉଛନ୍ତି। ଅଜଣା ଆକାଉଣ୍ଟରୁ ଟଙ୍କା ଦେଇ ବିଜ୍ଞାପନ କରିବାକୁ କହିଲେ ସେମାନେ ରାଜି ହୋଇଯାଉଛନ୍ତି। ଏପରିକି ଅନେକ ସମୟରେ ସେମାନଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ହ୍ୟାଣ୍ଡେଲ୍ କରିବା ପାଇଁ କୁହାଯାଉଛି ଓ ପରବର୍ତ୍ତୀ ମୁହୂର୍ତ୍ତରେ ତାହା ହ୍ୟାକ୍ ହୋଇଯାଉଛି। ଯେହେତୁ ଉକ୍ତ ଆକାଉଣ୍ଟଗୁଡ଼ିକରେ ଅଧିକ ଫଲୋଅର୍ସ ରହୁଛନ୍ତି, ତାକୁ ବ୍ୟବହାର କରି ସାଇବର ଠକ ନିବେଶ କରିବା ପାଇଁ ବିଜ୍ଞପ୍ତି କରୁଛି। ମୋଟାମୋଟି କହିବାକୁ ଗଲେ କୋଭିଡ୍ ପରେ ୟୁଟ୍ୟୁବରମାନେ ସାଇବର ଠକଙ୍କ ପାଇଁ ସୁନା ଅଣ୍ଡାଦିଆ କୁକୁଡ଼ା ଭଳି ବ୍ୟବହାରରେ ଆସୁଛନ୍ତି।



# ଆଜିଠୁ ଏକାମ୍ର ଉତ୍ସବ



**ଭୁବନେଶ୍ୱର, ୨।୨(ସମିସ):** ୩ ଫେବ୍ରୁଆରୀ। ରାଜଧାନୀ ଭୁବନେଶ୍ୱରରେ ଲାଗିବ ଉତ୍ସବର ମହାମେଳା। ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ସହିତ ଏକାମ୍ର ଉତ୍ସବ, ଭୁବନେଶ୍ୱର କାହାଣୀ ଉତ୍ସବ, ଆମ ବ୍ୟଞ୍ଜନ ଉତ୍ସବ, ମୋ ଭାଷା ମୋ ଗୌରବ ପ୍ରଦର୍ଶନୀ ଓ ରାତ୍ରିକାଳୀନ ବଜାର। ଏହାସହ ଏକାଧିକ କାର୍ଯ୍ୟକ୍ରମ ଉଦ୍‌ଘାଟନ ହେବାକୁ ଯାଉଛି। ଏହାକୁ ନେଇ ପାର୍କ ଠାରୁ ଆରମ୍ଭ କରି ରାସ୍ତା ଘାଟ, ଫୁଟ୍‌ପାଥ୍, ସହରର ବିଭିନ୍ନ କାନ୍ଥବାଡ଼, ମ୍ୟୁଜିୟମ୍, ସରକାରୀ କାର୍ଯ୍ୟାଳୟ ଆଦି ସଜେଇ ହୋଇଛି। ସାଜସଜ୍ଜା ଏବଂ ସହରର ଭିଡ଼କୁ ଦେଖି ଲାଗୁଛି ପୂରା ରାଜଧାନୀ ଉତ୍ସବମୁଖର ହେବାକୁ ଯାଉଛି। ଶନିବାର ସନ୍ଧ୍ୟା ୬ଟାରେ ଉଦ୍‌ଘାଟିତ ହେବ ଏକାମ୍ର ଉତ୍ସବ।



ଏକାମ୍ର ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ ସଙ୍ଗୀତ ମୂର୍ଚ୍ଛନାର ପ୍ରଥମ ସନ୍ଧ୍ୟାରେ ସ୍ମୃତି ତୁମେ ଅକ୍ଷୟ... କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ଜ୍ୟୋତିର୍ମୟୀ, ଅଭିରାମ, ରାଜେଶ, କୃଷ୍ଣ ଓ ମିତ୍ରଭାନୁ ପ୍ରମୁଖ କଳାକରମାନଙ୍କୁ ଦେଖିବାକୁ ମିଳିବ। ଏହା ସହ ରବିବାର ସନ୍ଧ୍ୟାରେ ଆୟୋଜିତ ହେବ 'ସଙ୍ଗୀତର ତାଳେ ତାଳେ...' କାର୍ଯ୍ୟକ୍ରମ। ଏଥିରେ ଅନୁରାଧା ପୌଡୱାଲ, ସୁରେଶ ୱାଡେକର ଆକର୍ଷଣର କେନ୍ଦ୍ର ପାଲଟିବେ। ସେହିପରି ସୋମବାର 'ଅଭୁଲା ଅତୀତ' କାର୍ଯ୍ୟକ୍ରମରେ ସନମ୍ ପୁରୀ ଲାଇଭ୍ ରହିବେ। ୬ ଫେବୃଆରୀରେ ଭାଷା ହିଁ ଭବିଷ୍ୟତକୁ କୁନା ତ୍ରିପାଠୀ, ଅରୁଣା ମହାନ୍ତି ଓ ସାଥୀ, ପ୍ରଜ୍ଞା, ଶଙ୍କର ପରିଚାଳନା କରିବେ। ୭ ଫେବୃଆରୀରେ ବସନ୍ତର ସ୍ୱର ନାମକ କାର୍ଯ୍ୟକ୍ରମରେ ସୋନା ମହାପାତ୍ର, କ୍ରିଷ୍ଣା ବେଉରା ଓ ରୁଦ୍ରରାଜ ମହାନ୍ତିଙ୍କୁ ଦେଖିବାକୁ ମିଳିବ। ୮ ଫେବୃଆରୀ ମୂର୍ଚ୍ଛନାର ଭିନ୍ନ ଏକ ସନ୍ଧ୍ୟାରେ ବଲିଉଡ୍ କଣ୍ଠଶିଳ୍ପୀ ସୋନୁ ନିଗମ ଓ ୯ ଫେବୃଆରୀରେ 'ତୁମେ ଚାହିଁଲ ବୋଲି...' କାର୍ଯ୍ୟକ୍ରମରେ ପ୍ରସିଦ୍ଧ ବଲିଉଡ୍ ତାରକା ଜୁବିନ୍ ନୌଟିଆଲ୍‌ଙ୍କୁ ଦେଖିବାକୁ ମିଳିବ। ଏଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

ଉତ୍ସବ ପାଇଁ ନିର୍ମାଣ କାର୍ଯ୍ୟରେ ଶହ ଶହ କାରିଗର ନିୟୋଜିତ ହୋଇଛନ୍ତି। ବହୁ ସଂଖ୍ୟାରେ କାରିଗରଙ୍କ ଠାରୁ ଆରମ୍ଭ କରି ବିଡିଏ କର୍ମଚାରୀ ଦିନ ରାତି ଏକ କରି ଦେଇଛନ୍ତି ଉତ୍ସବକୁ ସଫଳ କରିବାକୁ। କେବଳ ପ୍ରଦର୍ଶନୀ ପଡ଼ିଆ ନୁହେଁ, ବରଂ ପୂରା ରାଜଧାନୀ ସଜେଇ ହୋଇଛି। କାନ୍ଥ ବାଡ଼ରେ ରଙ୍ଗବେରଙ୍ଗର ଚିତ୍ର ସ୍ଥାନ ପାଇଛି। ରଙ୍ଗେଇ ହୋଇଛି ରାସ୍ତାଘାଟ। ଚିତ୍ରଶିଳ୍ପୀମାନେ ଏହାକୁ ଜୀବନ୍ତ ରୂପ ଦେଉଛନ୍ତି। ଏକାମ୍ର ମହୋତ୍ସବକୁ ରଙ୍ଗୀନ କରିବାକୁ କେଉଁଥିରେ ବି ଊଣା କରାଯାଇ ନାହିଁ। ବିଭିନ୍ନ ସ୍ଥାନରେ ଗେଟ୍ ଠାରୁ ଆରମ୍ଭ କରି ରଙ୍ଗୀନ୍ ଆଲୋକମାଳାରେ ସଜେଇ ହୋଇଛି ସାହା ସହର। ଏସବୁ ରାଜଧାନୀବାସୀଙ୍କୁ ମନେପକାଇ ଦେଇଛି ହକି ବିଶ୍ୱକପ୍ ସମୟର ସେହି ପୁରୁଣା ଅନୁଭୂତିକୁ।

### ଆକର୍ଷଣୀୟ ଦିଶୁଛି ରାସ୍ତା

ଏକାମ୍ର ଉତ୍ସବର ଲୋଗୋରେ ଅନେକଗୁଡ଼ିଏ ରଙ୍ଗ ରହିଛି। ଏହି ରଙ୍ଗ ଅନୁଯାୟୀ ପଡ଼ିଆ ସମ୍ନା ରାସ୍ତାକୁ ଡାଇମଣ୍ଡ ପାଟର୍ନରେ ରଙ୍ଗୀନ କରାଯାଇଛି। ଟ୍ରାଫିକ୍ ନିୟନ୍ତ୍ରଣ କରାଯାଇ ଏହାକୁ ରଙ୍ଗ କାମ ହୋଇଥିଲା। ଯାହାଫଳରେ ରାସ୍ତାର କଳା ରଙ୍ଗ ରଙ୍ଗୀନ ହୋଇଯାଇଛି।

### ଗଛରେ ଆଲୋକ ମାଳା, ରାସ୍ତାରେ ଝଲସୁଛି ତୋରଣ

ରାସ୍ତା କଡ଼ ଗଛସବୁ ଆଲୋକମାଳାରେ ସଜାଯାଇଛି। ରାତିରେ ଏହା ମାୟା ନଗରୀର ଅନୁଭବ ଦେବ। ଲୋକଙ୍କୁ ସ୍ୱାଗତ କରିବ ଆକର୍ଷଣୀୟ ତୋରଣ। ଏହାସହ ରାସ୍ତାର ଉଭୟ ପାର୍ଶ୍ୱକୁ ସଂଯୋଗ କରି ବେଲୁନ୍‌ରେ ସଜା ଯାଇଛି। ବିଭିନ୍ନ ଝାଲେରି ମଧ୍ୟ ପ୍ରବେଶ ସ୍ଥଳକୁ ବେଶ୍ ଆକର୍ଷଣୀୟ କରିଛି।



# ଆକର୍ଷଣ ସାଜିବ ରାତ୍ରିକାଳୀନ ବଜାର

## ରାତି ୧୧ ପର୍ଯ୍ୟନ୍ତ ମିଳିବ ସୁଆଦିଆ ଖାଦ୍ୟ

**ଭୁବନେଶ୍ୱର, ୨।୨(ସମିସ):** ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ଏକାମ୍ର ଉତ୍ସବର ଆକର୍ଷଣ ସାଜିବ ରାତ୍ରିକାଳୀନ ବଜାର। ଚଳିତବର୍ଷ ପୁଣି ଫେରିବ ରାତ୍ରିକାଳୀନ ବଜାର 'ଏକାମ୍ର ହାଟ'। ସ୍ଥାନୀୟ କାରିଗରୀଙ୍କୁ ପ୍ରୋତ୍ସାହିତ କରିବା ସହ ଓଡ଼ିଶାର କୋଣ ଅନୁକୋଣରେ ସେମାନଙ୍କ ହାତ ତିଆରି ସାମଗ୍ରୀ ପହଞ୍ଚିବ। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ଙ୍କ ପକ୍ଷରୁ ଆୟୋଜିତ ହେଉଥିବା ଏହି ହାଟ ୩ରୁ ୯ ଫେବୃଆରୀ ପର୍ଯ୍ୟନ୍ତ ଚାଲିବ। ଅପରାହ୍ଣ ୪ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ହାଟ ଖୋଲା ରହିବ। ତେବେ ଚଳିତଥର ଏହି ବଜାରରେ କାରୀଗରମାନେ ଓଡ଼ିଶାର ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ସହରବାସୀଙ୍କ ନିକଟରେ ପ୍ରଦର୍ଶନ କରିବେ।

### ବଜାରରେ ଲାଗିବ ହସ୍ତତନ୍ତ ଓ ହସ୍ତଶିଳ୍ପ ସମ୍ଭାର

ରାତ୍ରିକାଳୀନ ବଜାରରେ ଓଡ଼ିଶାର ବିଭିନ୍ନ ସ୍ଥାନର ଆଞ୍ଚଳିକ ହସ୍ତତନ୍ତ, ହସ୍ତଶିଳ୍ପ ସାମଗ୍ରୀଠାରୁ ଆରମ୍ଭ କରି କାଠ ଓ ବିଭିନ୍ନ ଧାତୁରେ ତିଆରି ଗହଣା, ଖେଳଣା ଆଦି ଉପଲବ୍ଧ ହେବ। ଯେଉଁଥିରେ ଓଡ଼ିଶାର ଲୋକକଳାର ଝଲକ ବି ଦେଖିବାକୁ ମିଳିବ। ଏକାମ୍ର ଉତ୍ସବରେ ଓଡ଼ିଶାର ପରିଚୟକୁ ବୃଦ୍ଧିମନ୍ତ କରୁଥିବା ବିଭିନ୍ନ ହାତଗଢ଼ା ଉତ୍ପାଦ ସହିତ ପ୍ରତିଦିନ ଏକାମ୍ର ହାଟରେ ଓଡ଼ିଶାର ବିଭିନ୍ନ କଳାକାରଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯିବ।

### ଲୋକନୃତ୍ୟ, ଡିଜେ ଓ ଷ୍ଟାଣ୍ଡ ଅପ୍ କମେଡି

କିଣାବିକା କରିବା ସହ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ପ୍ରଦର୍ଶିତ ଲୋକକଳା ଓ ଲାଇଭ୍ ମ୍ୟୁଜିକାଲ୍ ବ୍ୟାଣ୍ଡକୁ ମଧ୍ୟ ଉପଭୋଗ କରିପାରିବେ ଦର୍ଶକ। ଏଥିସହିତ କଳାହାଣ୍ଡି ଜିଲ୍ଲାର ପ୍ରସିଦ୍ଧ ଲୋକକଳା ଘୁମୁରା ନୃତ୍ୟ, ଖୋର୍ଦ୍ଧା ଜିଲ୍ଲାର ପାରମ୍ପରିକ ଶଙ୍ଖ ଧ୍ୱନି, ସମ୍ବଲପୁରୀ ନୃତ୍ୟ ଓ ଷ୍ଟାଣ୍ଡଅପ୍ କମେଡି ଏବଂ ଡିଜେର ତାଳେ ତାଳେ ଲୋକମାନେ ଏହି ରାତ୍ରିକାଳୀନ ବଜାରର ମଜା ମଧ୍ୟ ଉଠାଇପାରିବେ।

# ପାର୍କରେ ଖୋଲିବ କାହାଣୀ ପେଡ଼ି



**ଭୁବନେଶ୍ୱର, ୨।୨(ସମିସ):** ଭୁବନେଶ୍ୱରର ୩ଟି ପାର୍କ ଏବଂ ଗୋଟିଏ ସଂଗ୍ରହାଳୟରେ ଶୁଭିବ କଉତୁକିଆ କାହାଣୀ। ଏଥିପାଇଁ ପ୍ରସ୍ତୁତ ହେଲେଣି କାହାଣୀକାରମାନେ। କାହାଣୀ ପେଡ଼ି ଖୋଲିଲେ କେତେବେଳେ ହସାଇବେ ତ ପୁଣି କେତେବେଳେ ଆଖିରେ ଭରିଦେବେ ଲୁହ। ନିଜେ କାହାଣୀ ଭିତରେ ହଜିଯିବେ ତ ଆଉ କାହାଣୀର କୁହୁକମାୟାରେ ବାନ୍ଧିରଖିବେ ଲୋକଙ୍କୁ। ବିଭିନ୍ନ ଧରଣର କାହାଣୀ ସାଙ୍ଗକୁ ମିଲେଟ୍ ଏବଂ ଓଡ଼ିଶାର ଖାଦ୍ୟ, ଶାସ୍ତ୍ରୀୟ ଓଡ଼ିଆ ସାହିତ୍ୟ ଉପରେ କାହାଣୀ ଶୁଣାଇବେ। ଚଳିତବର୍ଷ ଶ୍ରେଷ୍ଠ କାହାଣୀକାରଙ୍କୁ ନେଇ ବିଡିଏ ଶନିବାର ଉଦ୍‌ଘାଟନ କରିବାକୁ ଯାଉଛି ଭୁବନେଶ୍ୱର କାହାଣୀ ଉତ୍ସବ। ଭୁବନେଶ୍ୱର କାହାଣୀ ଉତ୍ସବର ଏହା ତୃତୀୟ ସଂସ୍କରଣ। ସହରର ପ୍ରମୁଖ ୪ସ୍ଥାନ ଇନ୍ଦିରା ଗାନ୍ଧୀ ପାର୍କ, ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ (କଳାଭୂମି), ଏପିଜେ ଅବଦୁଲ କାଲାମ ପାର୍କ (କଳିଙ୍ଗନଗର) ଏବଂ ନୀଳାଦ୍ରି ବିହାରର ବୁଦ୍ଧ ପାର୍କଠାରେ କାହାଣୀ ଉତ୍ସବ ଅନୁଷ୍ଠିତ ହେବ। ଏହି ଉତ୍ସବ ଅପରାହ୍ନ ୨ଟା ୩୦ରୁ ୭ ଟା ୩୦ ପର୍ଯ୍ୟନ୍ତ ଚାଲିବ। ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ।



### କେବଳ ଓଡ଼ିଆ କାହାଣୀ

ଚଳିତବର୍ଷ ଭୁବନେଶ୍ୱର କାହାଣୀ ମହୋତ୍ସବରେ ଏକ ବିଶେଷ ସ୍ୱତନ୍ତ୍ରତା ରହିଛି। ଏଥିରେ କାହାଣୀକାରମାନେ କେବଳ ଓଡ଼ିଆ କାହାଣୀ କହିବେ। ମାତୃଭାଷାରେ କାହାଣୀ ଶୁଣିବାକୁ ନେଇ ପିଲାମାନଙ୍କ ମଧ୍ୟରେ ଉତ୍ସୁକତା ବୃଦ୍ଧିପାଇଛି। ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ଉତ୍ସବର ସବୁ କାହାଣୀ ଓଡ଼ିଆରେ ହେବ ବୋଲି ବିଡିଏ ପକ୍ଷରୁ ଘୋଷଣା କରାଯାଇଛି। ଓଡ଼ିଶାର କଥା, ଖାଦ୍ୟ, ଉପନ୍ୟାସ, ଜୀବନୀ ସବୁକିଛିକୁ ଗପ ମାଧ୍ୟମରେ ଶୁଣିବାକୁ ପାଇବେ ରାଜଧାନୀବାସୀ। ଓଡ଼ିଆର ସର୍ବୋତ୍ତମ କାହାଣୀ, ଶ୍ରେଷ୍ଠ ଷ୍ଟାଣ୍ଡ ଅପ୍ କମିକ୍ସ, ଚଳଚ୍ଚିତ୍ର ତାରକା ଅଭିନେତାଙ୍କ ସମେତ ରାଜ୍ୟର ଅନେକ କାହାଣୀକାରଙ୍କୁ ଏହି ଉତ୍ସବରେ ଅନ୍ତର୍ଭୁକ୍ତ କରାଯାଇଛି। କୁନା ତ୍ରିପାଠୀ, ଆକାଶ ଦାସ ନାୟକ, ଉଷସୀ ମିଶ୍ର, ଅଙ୍କିତା ପଟ୍ଟନାୟକ, ସବିତା ପଟ୍ଟନାୟକ, ତପସ୍ୱିନୀ ପଣ୍ଡା, ଶାଶ୍ୱତୀ ନନ୍ଦ ଶତପଥୀ, ହୃଦୟ ରଞ୍ଜନ, ସୁଜିତ୍ ମହାପାତ୍ର, ଲୋପାମୁଦ୍ରା ମହାନ୍ତି, ଗୌରହରି ବିଶ୍ୱାଳ, ବସନ୍ତ ସାହୁ, ବିଦ୍ୟୁତଲତା ପାଣିଗ୍ରାହୀ, ଯଶସ୍ୱିନୀ ମହାପାତ୍ର, ଶିବାନୀ ଦାସ, ସ୍ୱାଗତିକା ସେଠୀ, ସମ୍ପଦ ମହାପାତ୍ର, ବସନ୍ତ ସାହୁ, ବଳରାମ ବେହେରା ପ୍ରମୁଖ କାହାଣୀକାର ଶ୍ରୋତାଙ୍କୁ ନିଜ ନିଜ କାହାଣୀ ଚାତୁରୀରେ ବାନ୍ଧି ରଖିବାକୁ ପ୍ରୟାସ କରିବେ। ଏଥର କାହାଣୀ ଉତ୍ସବରେ ମାଣ୍ଡିଆ ଏବଂ ଓଡ଼ିଆ ଖାଦ୍ୟ ଉପରେ ଗପ ଶୁଣିବାକୁ ମିଳିବ।

### ମାଣ୍ଡିଆ ଖାଉଥିଲା ମଣ୍ଡାଖିଆ ଅସୁର ...

ମଣ୍ଡାଖିଆ ଅସୁର କିପରି ମାଣ୍ଡିଆ ଖାଉଥିଲା ତାହାକୁ ନେଇ ଗପ ଶୁଣିବାକୁ ମିଳିବ। ଏହାସହ କିଛି ପୁରୁଣା ଗପ ସହ ନୂଆ ଗପକୁ ଯୋଡ଼ି କାହାଣୀକାର ପ୍ରାଚୀତାରା ମିଶ୍ର ଏବଂ ଶାଶ୍ୱତୀ ପଟ୍ଟନାୟକ ମନୋରଞ୍ଜନର ଖୋରାକ ଯୋଗାଇବେ। ସେହିଭଳି ଷ୍ଟାଣ୍ଡ ଅପ୍ କମେଡିଆନଙ୍କୁ ନେଇ କାର୍ଯ୍ୟକ୍ରମ ରହିଛି। ଯେଉଁଠି ପିଲାଙ୍କୁ ମଜାଳିଆ କଥା ମାଧ୍ୟମରେ ଓଡ଼ିଶାର ବିଭିନ୍ନ କଥା ଜାଣିହେବ। ବର୍ଷା ମିଶ୍ର, ରିତେନ୍ ପଟ୍ଟନାୟକ, ସତ୍ୟବ୍ରତଙ୍କ ଭଳି ଷ୍ଟାଣ୍ଡଅପ୍ କମେଡିଆନଙ୍କୁ ଯୁବପିଢ଼ି ଶୁଣିବାକୁ ପସନ୍ଦ କରିବେ। ପ୍ରେରଣାଦାୟୀ ଜୀବନୀ କାହାଣୀ ମାଧ୍ୟମରେ ଶ୍ରୁତି ମହାପାତ୍ର, ମୀରା ପରିଡ଼ା, ରମେନ୍ଦ୍ର କୁମାର, ଇଲିଆନା ଚିତାରିସ୍ତିଙ୍କ ଭଳି ବ୍ୟକ୍ତିତ୍ୱ ନିଜ ନିଜ ଜୀବନର କାହାଣୀ କହିବେ, ଯାହା ଶ୍ରୋତାଙ୍କୁ ପ୍ରେରଣା ଦେବ। ଅନ୍ୟପକ୍ଷେ ଉପସ୍ଥିତ ଲୋକମାନଙ୍କୁ ଶାସ୍ତ୍ରୀୟ ଓଡ଼ିଆ ଉପନ୍ୟାସର ସମସାମୟିକ ରୂପକୁ ଜାଣିବା ସହ କାଳଜୟୀ କାହାଣୀରେ ଏକ ଆଧୁନିକ ଅଧ୍ୟାୟକୁ ଯୋଡ଼ିବା ପାଇଁ ସୁଜାତା ପ୍ରିୟମ୍ବଦା, ମୀରା ଦାସ ପ୍ରୟାସ କରିବେ। ଆଗରୁ ଗାଁ ଗହଳିରେ ଦେଖିବାକୁ ମିଳୁଥିବା କଣ୍ଢେଇ ନାଚ ମଧ୍ୟ ଶ୍ରୋତାଙ୍କୁ ମନୋରଞ୍ଜନ ଯୋଗାଇବ।



# ଆମ ବ୍ୟଞ୍ଜନ ଉତ୍ସବରେ ୨୦ ଖାଦ୍ୟ ଷ୍ଟଲ୍

**ଭୁବନେଶ୍ୱର, ୨।୨(ସମିସ):** ଚେୟାର ପଡ଼ିଗଲାଣି। ଡାଇନିଂ ବି ସଜା ହୋଇଗଲାଣି। ଆମ ବ୍ୟଞ୍ଜନ ଖାଦ୍ୟ ଉତ୍ସବରେ ଭାଗ ନେଉଥିବା ଖାଦ୍ୟ ବ୍ୟବସାୟୀମାନେ ଷ୍ଟଲ୍ ସଜାଇବା ଆରମ୍ଭ କରି ଦେଲେଣି। ଖାଲି ଅପେକ୍ଷା ଉଦ୍‌ଘାଟନୀକୁ। ଗତବର୍ଷ ଏହି ଷ୍ଟଲ ଗୁଡ଼ିକରେ ଭିନ୍ନ ଭିନ୍ନ ପ୍ରକାର ଖାଦ୍ୟର ମଜା ନେବାକୁ ପ୍ରବଳ ଭିଡ଼ ହୋଇଥିଲା। ଚଳିତବର୍ଷ ଏହାଠାରୁ ଅଧିକ ଭିଡ଼ ହେବାର ଅନୁମାନ କରାଯାଇଛି। ହେଲେ ଏହି ଷ୍ଟଲ ଗୁଡ଼ିକରେ ଓଡ଼ିଆ ଖାଦ୍ୟକୁ ଗୁରୁତ୍ୱ ଦିଆଯିବ ବୋଲି ବିଡିଏ ପକ୍ଷରୁ କୁହାଯାଇଛି।

### ● ଆକର୍ଷଣ ପାଲଟିବ ୪ ଚାଳିଆ

ଆମ ବ୍ୟଞ୍ଜନରେ ଆକର୍ଷଣ ପାଲଟିବ ୪ ଚାଳିଆ। ପ୍ରଦର୍ଶନୀ ପଡ଼ିଆ ଭିତରେ ପଶିବା ପରେ ଶେଷ ଭାଗକୁ ୪ଟି ଚାଳିଆ ଆକୃତିର ଷ୍ଟଲ ନିର୍ମାଣ କରାଯାଇଛି। ଦେଶୀ ଷ୍ଟାଇଲ୍‌ରେ ଘର ପ୍ରସ୍ତୁତ କରାଯାଇଛି। ଘର ଭିତରେ ଗରମା ଗରମ ଖାଦ୍ୟ ପ୍ରସ୍ତୁତ କରାଯାଇ ଲୋକଙ୍କୁ ପରସାଯିବ। ଘରଗୁଡ଼ିକ ଚାଳ ଛପର ହୋଇଛି। କାନ୍ଥରେ ଝୋଟି ଆଉ ଚିତା ପଡ଼ିଛି। ଏହା ସହିତ ସୁନ୍ଦର ଆଲୋକମାଳାରେ ମଧ୍ୟ ସଜାଯିବ। ଜଣେ ଗ୍ରାହକ ଏହି ଷ୍ଟଲଗୁଡ଼ିକରେ ଦେଶୀ ଖାଦ୍ୟ ସହିତ ଦେଶୀ ମାହୋଲର ମଜା ନେବେ ଗ୍ରାହକ।

### ● ଗୋଟିଏ ସ୍ଥାନରେ ୧୭ ତାରକା ହୋଟେଲ ଓ ରେସ୍ତୋରାଁ

ଇଡ୍‌କୋ ଗ୍ରାଉଣ୍ଡରେ ଆମ ବ୍ୟଞ୍ଜନ ଉତ୍ସବରେ ଏକାଠି ହେବେ ରାଜଧାନୀ ଓ ଅନ୍ୟାନ୍ୟ ଜିଲାର ୧୭ ତାରକା ହୋଟେଲ ଏବଂ ପ୍ରସିଦ୍ଧ ରେସ୍ତୋରାଁ। ଗୋଟିଏ ସ୍ଥାନରେ ସେମାନେ ନିଜ ନିଜ ଖାଦ୍ୟର ସୁଆଦିଆ ସ୍ୱାଦ ଚଖାଇବେ। ଗୋଟିଏ ଜାଗାରେ ସବୁ ବଡ ବଡ ତାରକା ହୋଟେଲର ଖାଦ୍ୟ ମିଳିବାକୁ ନେଇ ଉତ୍ସାହୀତ ରାଜଧାନୀବାସୀ ଏହା ସହ ୩ ଷ୍ଟଲରେ କୋରାପୁଟ କଫି, ମିଲେଟ୍ ମିଶନ୍ ଏବଂ ମିଶନ ଶକ୍ତୀର ଷ୍ଟଲ ଦେଖିବାକୁ ମିଳିବ।

# ଭୁବନେଶ୍ୱର ସିଟି



# ହାଣ୍ଡିଶାଳରୁ ରସୁଣ ଗାଏବ

## କେଜି ୪ ଶହ, ଶହେକୁ ୫୦ ଟଙ୍କା

**ଭୁବନେଶ୍ୱର, ୨।୨(ସମିସ):** ହାଣ୍ଡିଶାଳରୁ ରସୁଣ ଗାଏବ। ମାତ୍ର ୧୫ ଦିନ ମଧ୍ୟରେ ରସୁଣର ଅପ୍ରତ୍ୟାଶିତ ଦରବୃଦ୍ଧି ଯୋଗୁଁ ଏପରି ସ୍ଥିତି ସୃଷ୍ଟି ହୋଇଛି। ଏବେ ଖୋଲା ବଜାରରେ ରସୁଣ ଦର ୪ଶହ ଟଙ୍କା ଛୁଇଁବା ଫଳରେ ଗ୍ରାହକ ଅଧକେଜି ବଦଳରେ ୧୦୦ ଗ୍ରାମ୍ କଣିବାକୁ ବାଧ୍ୟ ହେଉଛନ୍ତି। କିନ୍ତୁ ଖୁଚୁରା ବଜାରରେ ସେହି ଶହେ ଗ୍ରାମ ରସୁଣକୁ ଦୋକାନୀ ୫୦ ଟଙ୍କା ନେଉଛି। ଏଭଳି ଦରବୃଦ୍ଧି ପଛର କାରଣ ହେଉଛି, ନୂଆ ଆମଦାନୀ ରସୁଣ ବଜାରକୁ ପର୍ଯ୍ୟାପ୍ତ ପରିମାଣରେ ଆସିନି। ଅପରପକ୍ଷେ, ଗୁଜରାଟରେ ଥିବା ଗଚ୍ଛିତ ରସୁଣ ଶେଷ ହୋଇଗଲାଣି। ଏହି ଦରବୃଦ୍ଧି ଆହୁରି ମାସେ ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହିବ ବୋଲି ବଜାର ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି। ମଧ୍ୟପ୍ରଦେଶ ଓ ରାଜସ୍ଥାନ ରସୁଣ ଓଡ଼ିଶା ବଜାରାକୁ ପର୍ଯ୍ୟାପ୍ତ ପରିମାଣରେ ଆସିଲେ, ରସୁଣ ଦର ନିୟନ୍ତ୍ରଣକୁ ଆସିବ ବୋଲି ସେମାନେ କହିଛନ୍ତି।

ସୂଚନାନୁସାରେ, ଭୁବନେଶ୍ୱର କୁବେରପୁରୀ ହୋଲସେଲ୍ ମାର୍କେଟ୍ ଓ କଟକ ଛତ୍ରବଜାରରେ ରସୁଣ କିଲୋ ପ୍ରତି ୩୨୦ରୁ ୩୫୦ରେ ବିକ୍ରି ହେଉଛି। ଯାହା ଖୁଚୁରା ବଜାରକୁ ଗଲା ବେଳକୁ କିଲୋ ପ୍ରତି ୪ଶହ ଟଙ୍କା ଛୁଇଁଯାଉଛି। ଯେଉଁ ଗ୍ରାହକମାନେ ଶହେ ଗ୍ରାମ୍ କିଣୁଛନ୍ତି, ତାଙ୍କୁ ୫୦ଟଙ୍କା ଦେବାକୁ ପଡୁଛି। ଅର୍ଥାତ୍ ସ୍ୱଳ୍ପ ମାତ୍ରାରେ କିଣୁଥିବା ଗ୍ରାହକଙ୍କୁ କିଲୋ ୫ଶହ ଟଙ୍କା ପଡ଼ିଯାଉଛି। ମାସେ ତଳେ ରସୁଣ ଦର ୨୫୦ରୁ ୩ଶହ ଟଙ୍କା ଭିତରେ ଥିଲା। ହଠାତ୍ ଦୁଇ ଦିନ ଭିତରେ ଦର ବଢ଼ି ୪ଶହ ଟଙ୍କା ହୋଇଯାଇଛି। ଏହାର କାରଣ ଓଡ଼ିଶା ବଜାର ସମ୍ପୂର୍ଣ୍ଣ ରୂପେ ଗୁଜୁରାଟ, ରାଜସ୍ଥାନ ଓ ମଧ୍ୟପ୍ରଦେଶରୁ ରସୁଣ ଆମଦାନୀ କରିଥାଏ। ଗୁଜରାଟରେ ଥିବା ଗଚ୍ଛିତ ରସୁଣ ଶେଷ ହୋଇଯାଇଥିବାବେଳେ ଅନ୍ୟ ଦୁଇଟି ରାଜ୍ୟର ରସୁଣ ଏବେ ଏବେ ଆମଦାନୀ ହେଉଛି। ଓଡ଼ିଶା ବଜାରର ଚାହିଦା ଅନୁସାରେ ଆସିପାରୁନି। ପ୍ରତିଦିନ କୁବେରପୁରୀ ମାର୍କେଟ୍ ଓ ଛତ୍ରବଜାରରେ ୨୫ରୁ ୩୦ଟନ୍‌ର ଆବଶ୍ୟକତା ଥାଏ। ହେଲେ ବର୍ତ୍ତମାନ ମଧ୍ୟପ୍ରଦେଶ ଇନ୍ଦୋର ଓ ରାଜସ୍ଥାନ ଭଳି ରାଜ୍ୟରୁ ଏତେ ପରିମାଣରେ ରସୁଣ ଆସିପାରୁନାହିଁ। ଯେତିକି ଆସୁଛି, ଓଡ଼ିଶା ବଜାରକୁ ପର୍ଯ୍ୟାପ୍ତ ହେଉନାହିଁ। ଫଳରେ ଏଭଳି ସ୍ଥିତି ଉପୁଜିଥିବା ଜଣାପଡ଼ିଛି।

### ■ ଆଉ ମାସେ କଲବଲ କରିବ ଦରବୃଦ୍ଧି



ଏ ସମ୍ପର୍କରେ ଆଇଗିଣିଆ କୁବେରପୁରୀ ମାର୍କେଟ୍‌ର ସମ୍ପାଦକ ଶକ୍ତିଶଙ୍କର ମିଶ୍ର କହିଛନ୍ତି, ଗୁଜରାଟ ରସୁଣ ଆଜି ପର୍ଯ୍ୟନ୍ତ ଆବଶ୍ୟକତା ଭରଣା କରୁଥିଲା। ଏବେ ଗୁଜରାଟ ରସୁଣ ଶେଷ ହୋଇଯାଇଛି। ମଧ୍ୟପ୍ରଦେଶ ଓ ରାଜସ୍ଥାନରୁ ନୂଆ ରସୁଣ ଆସିବା ଏବେ ଏବେ ଆରମ୍ଭ ହୋଇଛି। ଯେତିକି ଆସୁଛି, ସେତିକି ପର୍ଯ୍ୟାପ୍ତ ନୁହେଁ। ତେଣୁ ଆଉ ୨୦ଦିନରୁ ମାସେ ଭିତରେ ଏହି ଦୁଇଟି ରାଜ୍ୟରୁ ପର୍ଯ୍ୟାପ୍ତ ରସୁଣ ଓଡ଼ିଶା ବଜାରକୁ ଆସିଯିବ। ଫଳରେ ରସୁଣ ଦର ନିୟନ୍ତ୍ରଣକୁ ଆସିବ ବୋଲି ସେ କହିଛନ୍ତି।

# ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

# ‘ଅକ୍ଷର-କହ, ଶିଖ, ଲେଖ’

**ଭୁବନେଶ୍ୱର, ୨।୨(ସମିସ):**

ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ଅନୁଷ୍ଠିତ ହୋଇଯାଇଛି ‘ଅକ୍ଷର-କହ, ଶିଖ, ଲେଖ’ କାର୍ଯ୍ୟକ୍ରମ। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ହଜାର ହଜାର ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ପୁରାତନଠାରୁ ଆରମ୍ଭ କରି ନୂତନ ପର୍ଯ୍ୟନ୍ତ ତଥା ସବୁ ଯୁଗର ପ୍ରତିଥଯଶା କବି, ସାହିତ୍ୟିକ ଓ ଲେଖକମାନଙ୍କର ଫଟୋଚିତ୍ର ପ୍ରଦର୍ଶନ କରାଯାଇଥିଲା। ଓଡ଼ିଆ ଭାଷା ସାହିତ୍ୟର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ନେଇ ବିଭିନ୍ନ ଚାରୁକଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ରାଙ୍କନ ଓ ପ୍ରଦର୍ଶନ କରାଯାଇଥିଲା। ଏହା ବ୍ୟତୀତ ବିଦ୍ୟାପୁରୀ ପ୍ରକାଶନୀ ସଂସ୍ଥା ଦ୍ୱାରା ଏକ ପୁସ୍ତକ ପ୍ରଦର୍ଶନୀ ହୋଇଥିଲା। କାର୍ଯ୍ୟକ୍ରମ ଉଦ୍‌ଘାଟନ ପରେ ଆରମ୍ଭ ହୋଇଥିଲା ସାଂସ୍କୃତିକ ବିଚିତ୍ରା। ପ୍ରଥମେ ଦିବ୍ୟଜ୍ୟୋତି ଜେଠୀଙ୍କ ମୁଁ ଗୋଟେ ଛୋଟ କଳାକାର ସଙ୍ଗୀତରୁ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ଦିବ୍ୟଜ୍ୟୋତିଙ୍କ ଗୀତରେ ଝୁମିଥିଲେ ଦର୍ଶକ। ଏହା ପରେ ମଞ୍ଚକୁ ଆସିଥିଲେ ବିଶିଷ୍ଟ ହାସ୍ୟ ଅଭିନେତା ପ୍ରଜ୍ଞାନ। ଝିପି ଝିପି ବର୍ଷା ସତ୍ତ୍ୱେ ଭରପୁର ଦର୍ଶକଙ୍କୁ ଆନନ୍ଦର ଖୋରାକ ଯୋଗାଇଥିଲେ ପ୍ରଜ୍ଞାନ। ପରେ ପ୍ରଜ୍ଞାନଙ୍କ ଟିମ୍ ଦ୍ୱାରା ପ୍ରଦର୍ଶିତ ହୋଇଥିଲା ନାଟକ ବନ୍ଦେ ଉତ୍କଳ ଜନନୀ। ଶଙ୍କର ପ୍ରଧାନଙ୍କ ହାସ୍ୟରସରେ ଦର୍ଶକ ମନ୍ତ୍ରମୁଗ୍ଧ ହୋଇଯାଇଥିଲେ। ସୁରଭି ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ବାପୁ ଏକାଡେମୀ ଅଫ୍ ଡ୍ୟାନ୍ସର କୁନି କୁନି ପିଲାଙ୍କ ଦ୍ୱାରା ପରିବେଷିତ ଗ୍ରୁପ ଡ୍ୟାନ୍ସ ଉପସ୍ଥିତ ଦର୍ଶକଙ୍କୁ ଅଭିଭୂତ କରିଥିଲା। ଏହି ଅବସରରେ ବିଏମ୍‌ସି ପକ୍ଷରୁ କରାଯାଇଥିବା ବିଭିନ୍ନ



ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଭାଷାକୁ ଗୁରୁତ୍ୱ ଦେବା ସହ ସ୍ୱତନ୍ତ୍ର ଓଡିଆ ବିଶ୍ୱ ବିଦ୍ୟାଳୟ ଗଠନ କରି ମୁଖ୍ୟମନ୍ତ୍ରୀ ସମଗ୍ର ଦେଶରେ ଏକ ମାଇଲ ଖୁଣ୍ଟ ପ୍ରତିଷ୍ଠା କରିଛନ୍ତି ବୋଲି କହିଥିଲେ ମଧ ବିଧାୟକ ଅନନ୍ତ ନାରାୟଣ ଜେନା। ସମ୍ପ୍ରତି ଦେଶରେ ୧୫୯୯ଟି କଥିତ ଭାଷା ରହିଛି। ସେଥିମଧ୍ୟରୁ ୧୨୨ଟି ଲିଖିତ ଭାଷା ରହିଥିବା ବେଳେ କେନ୍ଦ୍ର ସରକାର ମାତ୍ର ୬ଟି ଭାଷାକୁ ଶାସ୍ତ୍ରୀୟ ଭାଷା ମାନ୍ୟତା ଦେଇଛନ୍ତି। ତା ଭିତରେ ଓଡିଆ ଭାଷା ଅନ୍ୟତମ। ଏହାଠାରୁ ଆମ ପାଇଁ ଆଉ ଅଧିକ ଗୌରବର କଥା କଣ ହୋଇପାରେ ବୋଲି କହିଛନ୍ତି ମେୟର ଶ୍ରୀମତୀ ଦାସ। ମାତୃଭାଷାରେ ଶିକ୍ଷାଦାନ ଦ୍ୱାରା ଜ୍ଞାନର ବିକାଶ ହେବ ଏବଂ ରାଜ୍ୟ ସେହି ଅନୁପାତରେ ସମୃଦ୍ଧ ହେବ ବୋଲି କମିସନର ବିଜୟ ଅମୃତା କୁଲାଙ୍ଗେ କହିଥିଲେ। ଉତ୍କଳ ମଣ୍ଡପଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ଡେପୁଟି ମେୟର ଶ୍ରୀମତୀ ମଞ୍ଜୁଲତା କହଁର, ବିଏମ୍‌ସି କମିସନର ବିଜୟ ଅମୃତା କୁଲାଙ୍ଗେ, ଷ୍ଟାଣ୍ଡି କମିଟିର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୂପକାର, ମିହିର କୁମାର ରାଉତ, ଅଧ୍ୟକ୍ଷା ପ୍ରୀତିନନ୍ଦା ରାଉତରାୟ, ଅତିରିକ୍ତ କମିସନର ଶୁଭେନ୍ଦୁ କୁମାର ସାହୁ, ସମସ୍ତ କର୍ପୋରେଟର ଉପସ୍ଥିତ ଥିଲେ। ଏହି ସମସ୍ତ କାର୍ଯ୍ୟର ସଂଯୋଜନା କରିଥିଲେ ବିଏମ୍‌ସିର ଡେପୁଟି କମିଶନର ଡକ୍ଟର ମନୋରଞ୍ଜନ ସାହୁ।

## ଆନ୍ଦୋଳନକୁ ଓହ୍ଲାଇଲା ଓୟୁଏଟି କର୍ମଚାରୀ ସଂଘ

**ଭୁବନେଶ୍ୱର, ୨।୨(ସମିସ):** ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) କର୍ମଚାରୀ ସଂଘ ପକ୍ଷରୁ ଇପିଏଫ୍, ଇଏସ୍ଆଇ ଲାଗୁ କରିବା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବକେୟା ଦରମା ପ୍ରଦାନ, ମାସକୁ ୨୪ ଦିନ କାମ ଯୋଗାଇବା ଆଦି ଦାବି କରି ଓୟୁଏଟି କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଂଘର ବହୁ କର୍ମଚାରୀ ଆନ୍ଦୋଳନ କରିଛନ୍ତି। ବହୁ ଦିନ ଧରି କାମ କରୁଥିଲେ ମଧ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସାମାଜିକ ସୁରକ୍ଷା ସୁବିଧା କରିନଥିବା ସଂଘ ଅଭିଯୋଗ କରିଛି। ଏହି ଆନ୍ଦୋଳନରେ ସିଆଇଟିୟୁ ଉପସଭାପତି ପ୍ରଦୀପ୍ତ ନାୟକ, ସାଧାରଣ ସମ୍ପାଦକ ସତ୍ୟନାରାୟଣ ନାୟକ, ଉଜ୍ଜଳେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ କୁଳପତି, କୃଷି ଗବେଷଣା ବିଭାଗ ଡିନ୍ ଏବଂ ଅନ୍ୟ ଆଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଦାବି ପୂରଣ ପାଇଁ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନରୁ କର୍ମଚାରୀମାନେ ଓହରିଛନ୍ତି।

## ଜିଲ୍ଲାପାଳଙ୍କ ବାଲିପାଟଣା ଗସ୍ତ

**ବାଲିପାଟଣା, ୨।୨(ସମିସ):** ନବନିଯୁକ୍ତ ଜିଲ୍ଲାପାଳ ଚଞ୍ଚଳ ରାଣା ଜିଲ୍ଲାର ଦାୟିତ୍ୱ ନେବାପରେ ଶୁକ୍ରବାର ବାଲିପାଟଣା ବ୍ଲକ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ବ୍ଲକ ଅଧ୍ୟକ୍ଷା ହରପ୍ରିୟା ଦାସ, ଜିଲ୍ଲା ପରିଷଦ ସଭ୍ୟ ପବିତ୍ର ପଟେଲ, ସରପଞ୍ଚ ବାହାନ ଭୋଇ ପ୍ରମୁଖ ଜନପ୍ରତିନିଧି, ବିଜେଡି ବ୍ଲକ ସଭାପତି କିଶୋର ଜେନା, ମିଶନ ଶକ୍ତି ସଭାପତି ପଦ୍ମିନୀ ଦାଶ, ବିଜେଡି ନେତ୍ରୀ ତଥା ସମିତି ସଭ୍ୟା ସୌଭାଗ୍ୟ ଲକ୍ଷ୍ମୀ ପ୍ରିୟଦର୍ଶିନୀଙ୍କ ନେତୃତ୍ୱରେ କର୍ମକର୍ତ୍ତାବୃନ୍ଦ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ପରେ ଅଠାନ୍ତର ଡାକ୍ତରଖାନା ପରିଦର୍ଶନ କରିଥିଲେ। ସେଠାରୁ ସେ ଓଡ଼ଖଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଦର୍ଶନରେ ଯାଇ ଶ୍ରେଣୀ ଗୃହରେ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇଥିଲେ ଓ ଅଧ୍ୟକ୍ଷଙ୍କ ସହିତ ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲାପାଳଙ୍କ ସହିତ ବିଡିଓ ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ, ସହକାରୀ ଯନ୍ତ୍ରୀ ଅର୍ଚ୍ଚନା ଦାଶ ଓ ଅନ୍ୟ ବ୍ଲକ କର୍ମଚାରୀ ସାମିଲ୍ ହୋଇଥିଲେ।

## ପରିକ୍ରମା ପ୍ରକଳ୍ପ ବୁଲିଲେ ୫ଶହ ନାଗରିକ

**ଭୁବନେଶ୍ୱର, ୨।୨(ସମିସ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଶୁକ୍ରବାର ପରିକ୍ରମା ପ୍ରକଳ୍ପ ପରିଦର୍ଶନ କରିଥିଲେ ୫ଶହରୁ ଅଧିକ ନାଗରିକ। ୧୩ଟି ବସ୍‌ରେ ବିଏମ୍‌ସିର ବିଭିନ୍ନ ଅଞ୍ଚଳରୁ ମହିଳା ଓ ପୁରୁଷ ସକାଳ ୮ଟାରେ ପୁରୀ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ମେୟର ସୁଲୋଚନା ଦାସ, ଜନପ୍ରତିନିଧି ଓ ବରିଷ୍ଠ ଅଧିକାରୀମାନେ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ। ସାଉଥ-ଇଷ୍ଟ ଜୋନ୍‌ର ୨୫ଟି ୱାର୍ଡରୁ ଏହି ଯାତ୍ରୀମାନଙ୍କୁ ନିଆଯାଇଥିଲା। ସେମାନଙ୍କ ସହ କିଛି କର୍ପୋରେଟର ମଧ୍ୟ ଏହି ପରିକ୍ରମା ପ୍ରକଳ୍ପ ପରିଦର୍ଶନରେ ପୁରୀ ଯାଇଥିଲେ। ପୁରୀଠାରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେମାନେ ପରିକ୍ରମା ପ୍ରକଳ୍ପ ପରିଦର୍ଶନ କରିବା ସହ ଜଗତରନାଥ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଥିଲେ। ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା।

## ଅଗ୍ନିବିପନ୍ନ ପରିବାରକୁ ସହାୟତା

**ବାଲିଅନ୍ତା, ୨।୨(ସମିସ):** ବାଲିଅନ୍ତା ଓ ବାଲିପାଟଣା ବ୍ଲକ ଅଞ୍ଚଳରେ ସିଦ୍ଧି ବିନାୟକ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ତଥା ସମାଜସେବୀ ସତ୍ୟପ୍ରିୟ ବେହେରା ଅଗ୍ନି ବିପନ୍ନ ପରିବାରକୁ ସହାୟତା ପ୍ରଦାନ କରିଛନ୍ତି। ଶୁକ୍ରବାର ଧବଳାହାର ଗ୍ରାମର ଅଗ୍ନି ବିପନ୍ନ ପରିବାରର କାମିନୀ ସାହୁଙ୍କୁ ସତ୍ୟପ୍ରିୟ ସହାୟତା ଯୋଗାଇ ଦେଇଛନ୍ତି। ୭ମ ଶ୍ରେଣୀରେ ଅଧ୍ୟୟନରତ ତାଙ୍କର ଝିଅ ଗୀତା ସାହୁଙ୍କୁ ଏକ ସାଇକେଲ ଦେଇଛନ୍ତି। ଏହା ସହିତ ସିଦ୍ଧି ବିନାୟକ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସତ୍ୟପ୍ରିୟଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ବଇଁଚୁଆ ପଞ୍ଚାୟତରେ ହଜାର ହଜାର ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଛି।

## ଏକାମ୍ର ଦୌଡ଼ରେ ‘ଓଡ଼ିଆ ଭାଷାର ଗୌରବ ଗାଥା’ ଟ୍ରେଲ୍

**ଭୁବନେଶ୍ୱର, ୨।୨(ସମିସ):** ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଏକାମ୍ର ୱାକ୍ସର ତୃତୀୟ ସଂସ୍କରଣରେ ଶୁକ୍ରବାର ଦିନ ଦୁଇଟି ଟ୍ରେଲ ବା ପଦଯାତ୍ରା ଆୟୋଜନ କରାଯାଇଛି। ପର୍ଯ୍ୟଟକମାନେ ‘ବନ୍ୟ ବିଭବରେ ବିଭୋର ମଣିଷ’ ପଦଯାତ୍ରାରେ ଜଙ୍ଗଲ ଓ ଜଳାଶୟରେ ବୁଲି ପ୍ରକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିଛନ୍ତି। ରାଜଧାନୀ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ‘ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ’ ସହ ସମାନାନ୍ତର ଭାବେ ଏସେନ୍ସ ଅଫ୍ ଓଡ଼ିଶା ବା ‘ଓଡ଼ିଆ ଭାଷାର ଗୌରବ ଗାଥା’ ଟ୍ରେଲ ଆରମ୍ଭ କରାଯାଇଛି। ‘ବନ୍ୟ ବିଭବରେ ବିଭୋର ମଣିଷ’ ପଦଯାତ୍ରା ସକାଳ ୬ଟା ବେଳେ ଆରମ୍ଭ ହୋଇଥିଲା। ଏଥିରେ ପର୍ଯ୍ୟଟକମାନେ ଡେରାସ ଡ୍ୟାମ ବୁଲି ଦେଖିବା ସହ, ଜଙ୍ଗଲ ଓ ଜଳାଶୟରେ ବୁଲି ପ୍ରକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିଛନ୍ତି। ଏହି ସମୟରେ ଅତିଥିମାନେ ସ୍ଥାନୀୟ ପଶୁପକ୍ଷୀଙ୍କୁ ଦେଖିବାକୁ ସୁଯୋଗ ପାଇଥିଲେ। ସେହିଭଳି ଚଳିତ ବର୍ଷ ‘ଏକାମ୍ର ୱାକ୍ସ’ରେ ଯୋଡ଼ାଯାଇଥିବା ନୂଆ ଟ୍ରେଲ ‘ଏସେନ୍ସ ଅଫ୍ ଓଡ଼ିଶା’ ବା ‘ଓଡ଼ିଆ ଭାଷାର ଗୌରବ ଗାଥା’ ଟ୍ରେଲ ଆରମ୍ଭ କରାଯାଇଛି। ଐତିହାସିକ କେଦାରନାଥ ଲାଇବ୍ରେରୀରୁ ଆରମ୍ଭ ହୋଇ ଏହି ଯାତ୍ରା ମୁକ୍ତେଶ୍ୱର ମନ୍ଦିରରେ ଶେଷ ହୋଇଥିଲା। ଫେବୃଆରୀ ୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟ୍ରେଲରେ ଓଡିଆ ଭାଷାର ଇତିହାସ ସହ ଜଡିତ ବିଭିନ୍ନ ଦିଗ ସମ୍ପର୍କରେ ଜାଣିବାକୁ ପର୍ଯ୍ୟଟକମାନଙ୍କୁ ସୁଯୋଗ ମିଳୁଛି। ଚଳିତ ବର୍ଷ ମାର୍ଚ୍ଚ ମାସ ଶେଷ ପର୍ଯ୍ୟନ୍ତ ପ୍ରତ୍ୟେକ ଶୁକ୍ରବାର, ଶନିବାର ଏବଂ ରବିବାର ଏହି ପଦଯାତ୍ରା ଚାଲିବ। ଏହି ପଦକ୍ଷେପ ମାଧ୍ୟମରେ ସ୍ଥାନୀୟ ବାସିନ୍ଦା ଓ ପର୍ଯ୍ୟଟକମାନେ ଭୁବନେଶ୍ୱରର ପ୍ରାକୃତିକ ଏବଂ ଐତିହାସିକ ସୌନ୍ଦର୍ଯ୍ୟର ଆନନ୍ଦ ନେଇ ପାରିବେ। ବିଶେଷଜ୍ଞଙ୍କ ମାର୍ଗଦର୍ଶନରେ ଅଭିଜ୍ଞ ଗାଇଡମାନଙ୍କ ସହାୟତାରେ ଶତାବ୍ଦୀ ଶତାବ୍ଦୀ ଧରି ତଥା ପିଢ଼ି ପରେ ପଢ଼ି ଚାଲିଥିବା କାହାଣୀଗୁଡ଼ିକୁ ଉନ୍ମୋଚନ କରିବା ପାଇଁ ଏହି ପଦଯାତ୍ରା ପ୍ରତିଶ୍ରୁତିବଦ୍ଧ। ପର୍ଯ୍ୟଟକମାନଙ୍କୁ ଏକ ଅନନ୍ୟ ଅନୁଭବ ପ୍ରଦାନ କରିବ।

## ‘୫-ଟି’ ଅଧ୍ୟକ୍ଷକଙ୍କୁ ଭେଟିଲେ ଉଠାଦୋକାନୀ

### ୱେଲଫେୟାର ବୋର୍ଡ ଗଠନ ଓ ଉଚ୍ଛେଦ ବନ୍ଦ ପାଇଁ ଅନୁରୋଧ



**ଭୁବନେଶ୍ୱର, ୨।୨(ସମିସ):** ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ କର୍ମକର୍ତ୍ତାମାନେ ‘୫-ଟି’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ଭେଟି ସେମାନଙ୍କ ବିଭିନ୍ନ ସମସ୍ୟା ତଥା ଦାବି ସମ୍ପର୍କରେ ଆଲୋଚନା କରିଛନ୍ତି। ମହାସଂଘର ରାଜ୍ୟ ସଭାପତି ପ୍ରତାପ ସାହୁଙ୍କ ନେତୃତ୍ୱରେ କଟକ, ଭୁବନେଶ୍ୱର ଓ ପୁରୀର ୧୦୦ ଉଠାଦୋକାନୀ ଓ ମହାସଂଘର କର୍ମକର୍ତ୍ତାମାନେ ଏହି ଅବସରରେ ‘୫-ଟି’ ତଥା ନବୀନ ଓଡ଼ିଶାର ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନଙ୍କୁ ୧୫ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହାସହ ରାଜ୍ୟରେ ଦେଖା ଦେଇଥିବା ଉଠାଦୋକାନୀଙ୍କ ସମସ୍ୟାର ସମାଧାନ କରିବା ଲାଗି ଅନୁରୋଧ କରିଥିଲେ। ଷ୍ଟ୍ରୀଟ୍ ଭେଣ୍ଡର୍ସ ୱେଲଫେୟାର୍ ବୋର୍ଡ ଗଠନ କରିବା, ଉଠାଦୋକାନୀଙ୍କ ପରିଚୟ ପତ୍ରକୁ ଦୀର୍ଘମିଆଦି କରିବା, ଯେଉଁ ଉଠାଦୋକାନୀଙ୍କୁ ଆଇ କାର୍ଡ ମିଳିଛି ଭେଣ୍ଡିଂ ଜୋନ୍ ଦେବା ପର୍ଯ୍ୟନ୍ତ ସେହି ଜାଗାରେ ବ୍ୟବସାୟ କରିବା ପାଇଁ ଅନୁମତି ପ୍ରଦାନ କରିବା ଭଳି ପ୍ରମୁଖ ଦାବି ରହିଛି। ଦାବିପତ୍ର ପ୍ରଦାନ ସମୟରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ତଥା ମହାସଂଘର ଉପଦେଷ୍ଟା ଅନନ୍ତ ନାରାୟଣ ଜେନା, କଟକ ମେୟର ତଥା ଉପଦେଷ୍ଟା ସୁବାସ ସିଂ, ଭୁବନେଶ୍ୱର ମେୟର ସୁଲୋଚନା ଦାସଙ୍କ ସମେତ ମହାସଂଘର ସାଧାରଣ ସମ୍ପାଦକ ଅନୁଜ କୁମାର ପ୍ରଧାନ, ଲୋକନାଥ ବେହେରା, ଅନମୁଲ, ନିରଞ୍ଜନ ପାଣ୍ଡେ, ସୂର୍ଯ୍ୟମଣି ସାହୁ, ଲଲାଟ କୁମାର ଓଝା, ସୁଦର୍ଶନ ପୃଷ୍ଟି, ଶୁଭଲକ୍ଷ୍ମୀ ମହାନ୍ତି, ବିପିନ ଜେନା, ସସ୍ମିତା ସାହୁ, ପ୍ରଦୀପ କୁମାର ସାହୁ, ବସନ୍ତ କୁମାର ରାଉତ, ଭାରତୀ ସେଠୀ, ପ୍ରଶାନ୍ତ କୁମାର ନାୟକ, ସୁଦର୍ଶନ ସାହୁ, ମଙ୍ଗୁଳି ସାହୁ, ଶରତ କୁମାର ସାହୁ, ସୁମନ ପୃଷ୍ଟିଙ୍କ ସମେତ ବହୁ ଉଠାଦୋକାନୀ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ପୁରୀ ଉଠାଦୋକାନୀଙ୍କ ଥଇଥାନ ନେଇ ଆଲୋଚନାବେଳେ ପୁରୀ ଉଠାଦୋକାନୀଙ୍କ ସମସ୍ୟା ପ୍ରତି ସରକାର ଅବଗତ ଅଛନ୍ତି। ଯେଉଁମାନେ ଥଇଥାନ ହୋଇନାହାନ୍ତି, ସେମାନଙ୍କୁ ତୁରନ୍ତ ଥଇଥାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ପୁରୀ ସହରକୁ ସୁନ୍ଦର ରଖିବା ଦାୟିତ୍ୱ ଉଠାଦୋକାନୀମାନେ ଗ୍ରହଣ କରିବାକୁ ଶ୍ରୀ ପାଣ୍ଡିଆନ ଆହ୍ୱାନ ଦେଇଥିଲେ।

## ମିଶନ ଶକ୍ତି ଓଡ଼ିଆ କବି ସମ୍ମିଳନୀ

**ବାଲିଅନ୍ତା, ୨।୨(ସମିସ):** ବାଲିଅନ୍ତା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ମିଶନ ଶକ୍ତି ଓଡ଼ିଆ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପଞ୍ଚାୟତର ୨୦ ଜଣ ମହିଳା ଏହି ସମ୍ମିଳନୀରେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ କବୟିତ୍ରୀ ସୁମିତ୍ରା ପରିଡ଼ା ପ୍ରଥମ, ସରୋଜିନୀ ମିଶ୍ର ଦ୍ୱିତୀୟ ଓ ଅନସୂୟା ରାଉତ ତୃତୀୟ ସ୍ଥାନ ହାସଲ କରିଥିଲେ। ଏହି ଅବସରରେ ସିଡିପିଓ



ଖୁଲଣା ସାହୁ, ସତ୍ୟଭାମାପୁର ହାଇସ୍କୁଲ ଶିକ୍ଷୟିତ୍ରୀ ଲୋପାମୁଦ୍ରା ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟ ସମସ୍ତ ପ୍ରତିଯୋଗୀଙ୍କୁ ମିଶନ ଶକ୍ତି ପକ୍ଷରୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ବ୍ଲକ ପ୍ରକଳ୍ପ ସଂଯୋଜିକା ଲୋପାମୁଦ୍ରା ମଲ୍ଲିକ ଓ ଶ୍ରାବଣୀ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜମି ଅଧିଗ୍ରହଣରେ ଅଟକିଛି ଏନ୍‌ଏଚ୍ ସମ୍ପ୍ରସାରଣ

**ଯାଁଳା, ୨।୨(ସମିସ):** ଭୁବନେଶ୍ୱର ଉପକଣ୍ଠ ଜଟଣୀ ବ୍ଲକ ଯାଁଳା ଅଞ୍ଚଳର ଜାତୀୟ ରାଜପଥ ୧୬ର ଯାଁଳା ପୁରୁଣା ଫାଣ୍ଡି ସାମ୍‌ନା ୨୦୦ ମିଟର ରାସ୍ତା କାମ ଶେଷ ହେବାର ନାଁ ନେଉନାହିଁ। କେବେ ସରିବ ତା’ର ମଧ୍ୟ ଠିକ୍ ଠିକଣା ନାହିଁ। ଫଳରେ ଯାତାୟାତ ପାଇଁ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାକୁ ଲାଗି ଏକ କୂଅ ରହିଥିବାବେଳେ ତା’ ଉପରେ ଅସ୍ଥାୟୀ ଭାବେ ଏକ ଟିଣ ପକାଯାଇଛି। ଏହି କୂଅରେ ପଡ଼ି କେତେବେଳେ ଯେ ଅଘଟଣ ନଘଟିବ ତାହା କୁହାଯାଇ ନପାରେ। ଏଥିସହ ସମ୍ପୂର୍ଣ୍ଣ ରାସ୍ତାଟି ଖାଲ ଖମାରେ ଭର୍ତ୍ତି ହୋଇଛି। ଏହି ଦୁଇ ଶହ ମିଟର ରାସ୍ତାକୁ ଲୋକମାନେ ଅତି ଶୋଚନୀୟ ଭାବେ ପାରି ହେଉଛନ୍ତି। ଦିନରେ ଯେମିତି ସେମିତି ଚଳିଯାଉଛି, କିନ୍ତୁ ରାତିରେ ଅତି ସତର୍କତାର ସହିତ ନଗଲେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଅଦ୍ୟାବଧି ରାସ୍ତାର ପ୍ରାୟ ସମସ୍ତ କାମ ସରି ଆସିଥିଲେ ହେଁ ଏହି ୨ଶହ ମିଟର ପାଇଁ ସମସ୍ୟା ଦେଖାଦେଇଛି। ଜମି ଅଧିଗ୍ରହଣ ସମସ୍ୟା ଯୋଗୁଁ ରାସ୍ତା କାମରେ ବିଳମ୍ବ ହେଉଥିବା କୁହାଯାଉଛି। ତେବେ ଏହି ସମସ୍ୟା କେବେ ସମାଧାନ ହେବ କାହାରି ପାଖରେ ଉତ୍ତର ନାହିଁ। ତୁରନ୍ତ ଏ ଦିଗରେ ଏନ୍‌ଏଚ୍ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି।



## ଆଦିବାସୀ ମେଳା

# ଦିନକ ପରେ ସରିବ; ବଢ଼ିଲା ଭିଡ଼

**ଭୁବନେଶ୍ୱର, ୨।୨(ସମିସ):** ଆଦିବାସୀ ଭାଷା ଏବଂ ସଂସ୍କୃତି ଏକାଡେମୀ, ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ୟୁନିଟ୍-୧ ଆଦିବାସୀ ପଡ଼ିଆରେ ଅନୁଷ୍ଠିତ ହେଉଥିବା ‘ରାଜ୍ୟସ୍ତରୀୟ ଆଦିବାସୀ ମେଳା-୨୦୨୪’ ଅଷ୍ଟମ ଦିନରେ ପହଞ୍ଚିଛି। ଦିନ ଯେତେ ଗଡୁଛି ମେଳା ପରିସରରେ ଭିଡ଼ ମଧ୍ୟ ସେହି ପରିମାଣରେ ବଢୁଛି। ଆଉ ଦିନକ ପରେ ମେଳା ଶେଷ ହେବାକୁ ଯାଉଥିବାରୁ ଗ୍ରାହକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଆଜି ସନ୍ଧ୍ୟାରେ ଝିପିଝିପି ବର୍ଷାରେ ସତ୍ତ୍ୱେ ମେଳା ପରିସରରେ ଭିଡ଼ ପରିଲକ୍ଷିତ ହୋଇଥିଲା। ଜନଜାତିଙ୍କ ପ୍ରସ୍ତୁତ ବିଭିନ୍ନ ଘରକରଣା ଜିନିଷ ସାଙ୍ଗକୁ ହାତତିଆରି ଗହଣା, ସବାଇ ଘାସରୁ ପ୍ରସ୍ତୁତି ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ, ପଥର କାରିଗରୀ, ଢୋକ୍ରା କାରିଗରୀର ବିଭିନ୍ନ ସାମଗ୍ରୀ କିଣିବାକୁ ଲୋକଙ୍କ ଆଗ୍ରହ ଦେଖିବାକୁ ମିଳିଥିଲା। ଏହାସହ ଜଙ୍ଗଲରୁ ସଂଗୃହୀତ ବିଭିନ୍ନ ରୋଷେଇ ସାମଗ୍ରୀ ଠାରୁ ଆରମ୍ଭ କରି ହାତ ତିଆରି ମସଲା, ଆଚାର, ପାମ୍ପଡ଼, ବଡ଼ି ସାଙ୍ଗକୁ ଫୁଲ ଝାଡୁ ଆଦି ବୋହି ନେଇଥିଲେ ଲୋକେ। ପ୍ରତିବର୍ଷ ଏହିସବୁ ସାମଗ୍ରୀ କିଣିବାକୁ ସହରବାସୀ ଅପେକ୍ଷା କରିଥାନ୍ତି ଆଦିବାସୀ ମେଳାକୁ। ଶୀତୁଆ ସନ୍ଧ୍ୟାରେ କିଣାକିଣି ସାଙ୍ଗକୁ ମନୋରଞ୍ଜନର ଖୋରାକ ଯୋଗାଇଥିଲା ସାଂସ୍କୃତିକ ମଞ୍ଚ। ଅଷ୍ଟମ ସନ୍ଧ୍ୟାରେ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ସାଂସ୍କୃତିକ ପରିଷଦ ଦ୍ୱାରା ନାଟକ ପରିବେଷଣ କରାଯାଇଥିଲା। ଏହି ମେଳା ପ୍ରତ୍ୟହ ଅପରାହ୍ଣ ୨ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଖୋଲା ରହୁଛି।



